୨୬ ବର୍ଷରେ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

Vol.26 . No.154 Bhubaneswar Wednesday July 24 2024 | ୨୬ତମ ବର୍ଷ ସଂଖ୍ୟା-୧୫୪ ଭୁବନେଶ୍ୱର, ବୁଧବାର, ଜୁଲାଇ ୨୪, ୨୦୨୪ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹1.50 | (Air Surcharge - 0.50P) | Member-INS

## ବିଜେଡିର ସଙ୍ଗୀନ ଅଭିଯୋଗ: ପଦ୍ମଶ୍ରୀ କମଳା ପୂଜାରୀଙ୍କ ମୃତ୍ୟୁପଛରେ ଅଛି ଷଡଯନ୍ତ୍ର

ଭୁବନେଶ୍ୱର,୨୩।୭(ପି.ଏନ): ନିର୍ବାଚନୀ ବିପର୍ଯ୍ୟୟ ପରେ ବିଜେଡି ନିଜର ହିତାହିତ ଜ୍ଞାନ ଭୁଲି ଏଭଳି ସଙ୍ଗୀନ ଅଭିଯୋଗ ଆଣିବାରେ ଲାଗିଛି, ଯାହା ଦଳ ପାଇଁ ବୁମେରାଂ ପାଲଟିଛି। ବିଜେଡି ଏବେ ତୁଚ୍ଛା ରାଜନୀତିକ ଚର୍ଚ୍ଚାରେ ରହିବାକୁ ପଦ୍ମଶ୍ରୀ କମଳା ପୂଜାରୀଙ୍କ ମୃତ୍ୟୁକୁ ନେଇ ରାଜନୀତି କରିବାକୁ ପଛାଇ ନାହିଁ । କମଳା ପୂଜାରୀଙ୍କ ମୃତ୍ୟୁ ପଛରେ ଷଡଯନ୍ତ୍ର ରହିଛି ବୋଲି ସଙ୍ଗୀନ ଅଭିଯୋଗ ଆଣିବା ସହ ନିଜ ସରକାରର ଅମଳରେ ରାଜ୍ୟରେ ବିକଶିତ ସ୍ୱାସ୍ଥ୍ୟ ଭିତ୍ତିଭୂମିର ବାସ୍ତବତା ଉପରେ ମଧ୍ୟ ପରୋକ୍ଷରେ ପ୍ରଶ୍ନ ଉଠାଇଛି । ବିଜେଡି ମୁଖପାତ୍ର ତଥା ସାଂସଦ ସୁଲତା ଦେଓ ଆଜି ନିଜ ସୋସିଆଲ ମିଡିଆ ଆକାଉଣ୍ଟରେ ୪ମିନିଟ୍ ୧୮ସେକେଣ୍ଡର ଏକ ଭିଡିଓରେ କମଳା ପୂଜାରୀଙ୍କ ମୃତ୍ୟୁର ବିଚାରବିଭାଗୀୟ ତଦନ୍ତ ଦାବି କରିବା ପରେ ବିଜେଡିର ବାଚ୍‌ଳାମି ପଦାରେ ପଡିଛି ।ସୂଚ଼ନା ଅନୁସାରେ, ବିଜେଡି ମୁଖପାତ୍ର ଶ୍ରୀମତୀ ଦେଓ ଆଜି ନିଜ





ସୋସିଆଲ ମିଡିଆ ଆକାଉଣ୍ଟରେ ଏକ ଭିଡିଓ ସନ୍ଦେଶରେ ଆଦିବାସୀ ମହିଳା ପଦ୍ମଶ୍ରୀ କମଳା ପୂଜାରୀଙ୍କ ମୃତ୍ୟୁ ପଛରେ ଷଡଯନ୍ତ୍ର ରହିଥିବା ଅଭିଯୋଗ କରି ବିଚ଼ାରବିଭାଗୀୟ ତଦନ୍ତ ପାଇଁ ଦାବି କରିଛନ୍ତି । କମଳା ପୂଜାରୀଙ୍କୁ କୋରାପୁଟର ଜୟପୁରରୁ କଟକ କିଏ ସ୍ଥାନାନ୍ତର କରିଥିଲା? କଟକ ଏସସିବିରେ ହାଉସସର୍ଜନଙ୍କ ଧର୍ମଘଟ ଚ଼ାଲିଥିବାବେଳେ କାହିଁକି ତାଙ୍କୁ ଭାଇଜାଗ୍ , ବ୍ରହ୍ମପୁର କିମ୍ବା ଭୁବନେଶ୍ୱରର ଆପୋଲୋ ହସ୍ପିଟାଲରେ ଚ଼ିକିତ୍ସା ନକରି କଟକ ଏସସିବି ମେଡିକାଲ ଓ ହସ୍ପିଟାଲରେ ଚ଼ିକିତ୍ସା ନିମନ୍ତେ ଭର୍ତ୍ତି କରାଗଲା? ବିଜୁ ସ୍ୱାସ୍ଥ୍ୟ କାର୍ଡରେ ଗାଁର ସନାଭାଇକୁ ଆପୋଲୋରେ ଚ଼ିକିତ୍ସା ମିଳୁଛି, କମଳା ପୂଜାରୀଙ୍କୁ ସେଠାରେ ଭର୍ତ୍ତି କରିବାରେ କ'ଣ ଅସୁବିଧା ଥିଲା? କମଳା ପୂଜାରୀଙ୍କୁ କଟକ ହସ୍ପିଟାଲ ଅଣାଯିବାବେଳେ ତାଙ୍କର ମୃତ୍ୟୁ ହୋଇଯାଇଥିଲା କି? ତାଙ୍କୁ କାହିଁକି ଏୟାରଲିଫ୍ଟ କରାଗଲା ନାହିଁ? ତାଙ୍କର ଚ଼ିକିତ୍ସାରେ ଅବହେଳା ହୋଇଥିଲା କି? ସେ ଷଡଯନ୍ତ୍ରର ଶିକାର ହୋଇଛନ୍ତି କି? ବିହନ ବେପାରୀଙ୍କ ଚ଼କ୍ରାନ୍ତରେ ଏ ସରକାର ଫସିଯାଇଛନ୍ତି କି? ଏଭଳି ଅନେକ ପ୍ରଶ୍ନ ଉଠାଇଛନ୍ତି ବିଜେଡି ମୁଖପାତ୍ର ଶ୍ରୀମତୀ ଦେଓ ।

### ଆର୍ ସନ୍ଥଗୋପାଳନ ମୁଖ୍ୟ ନିର୍ବାଚ଼ନ ଅଧିକାରୀ ନିଯୁକ୍ତ



ଭୁବନେଶ୍ୱର,୨୩।୭(ପି.ଏନ): ଆଇଏଏସ୍ ଅଫିସର ଆର୍ ସନ୍ଥଗୋପାଳନ ଓଡିଶାର ମୁଖ୍ୟ ନିର୍ବାଚ଼ନ ଅଧିକାରୀ (ସିଇଓ) ପଦବିରେ ନିଯୁକ୍ତି ପାଇଁଛନ୍ତି। ୨୦୦୧ ବ୍ୟାଚ଼ର ଏହି ଆଇଏଏସ୍ ଅଫିସରଙ୍କୁ ରାଜ୍ୟର ନୂଆ ନିର୍ବାଚ଼ନ କମିସନର ଭାବେ ନିଯୁକ୍ତ କରାଯାଇଛି । ଏନେଇ ଭାରତୀୟ ନିର୍ବାଚ଼ନ କମିସନ (ଇସିଆଇ) ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇ ସୂଚ଼ନା ଦିଆଯାଇଛି । ତେବେ ଏହା ପୂର୍ବରୁ ସିଇଓ ଥିବା ନିକୁଞ୍ଜ ବିହାରୀ ଧଳଙ୍କୁ ଅତିରିକ୍ତ ମୁଖ୍ୟ ଶାସନ ସଚ଼ିବ ଭାବେ ନିଯୁକ୍ତି ମିଳିବା ପରେ, ରାଜ୍ୟର ନୂଆ ସିଇଓ କିଏ ହେବ, ତାକୁ ନେଇ ଚ଼ର୍ଚ୍ଚା ଆଲୋଚ଼ନା ଲାଗି ରହିଥିଲା। ଆଉ ଶେଷରେ ୨୦୦୧ ବ୍ୟାଚ଼ର ଏହି ଆଇଏଏସ୍ ଅଫିସରଙ୍କୁ ମିଳିଛି ଏହି ଗୁରୁ ଦାୟିତ୍ୱ ।

### ଅନୁଭବ-ବର୍ଷା ପାରିବାରିକ ବିବାଦ ମାମଲା: ଆଜି ଅନୁଭବ ମହାନ୍ତିଙ୍କୁ ଜେରା

କଟକ,୨୩।୭(ପି.ଏନ): ଅନୁଭବ-ବର୍ଷା ପାରିବାରିକ ବିବାଦ ମାମଲା ଥମିବାର ନାଁ ନେଉନାହିଁ । ଏହାରି ମଧ୍ୟରେ ମଙ୍ଗଳବାର ଅର୍ଥାତ ଆଜି ଅନୁଭବଙ୍କୁ ଜେରା କରାଯାଇଛି। ଅଗଷ୍ଟ ୧୬ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ପୁରୀଘାଟ ଥାନାରେ ଅଭିଯୋଗ ହୋଇଥିଲା । ନିକଟରେ ଅନୁଭବ-ବର୍ଷା ଛାଡପତ୍ର ପାଇଁ କୋର୍ଟ ଅନୁମତି ଦେଇଥିଲେ ।

## ଅନାସ୍ଥାରେ ହାରିଲେ ଫୁଲବାଣୀ ପୌରାଧକ୍ଷା: ବିଜେପିକୁ ଝଟକା

ଭୁବନେଶ୍ୱର,୨୩।୭(ପି.ଏନ): ସାଧାରଣ ନିର୍ବାଚ଼ନରେ ବିଜେଡିର ୨୪ବର୍ଷର ଶାସନକୁ ଧୂଳିସାତ୍ କରି ରାଜ୍ୟରେ କ୍ଷମତାକୁ ଆସିଥିବା ବିଜେପିକୁ ଆଜି ପ୍ରଥମ ଝଟକା ଲାଗିଛି । ଦଳର ନିର୍ବାଚ଼ିତା ଫୁଲବାଣୀ ପୌରାଧକ୍ଷ ସ୍ମିତାରାଣୀ ମହାନ୍ତିଙ୍କ ବିରୁଦ୍ଧରେ ଦୁଇ ତୃତୀୟାଂଶ ଭୋଟରେ ଆଜି ଅନାସ୍ଥା ପ୍ରସ୍ତାବ ପାରିତ ହେବାପରେ ସେ ପଦ ହରାଇବା ସ୍ପଷ୍ଟ ହୋଇଯାଇଛି । ତେବେ ରାଜ୍ୟରେ ସରକାର ପରିବର୍ତ୍ତନ ହେବାପରେ ବିଜେଡିରେ ଚ଼ାଲିଥିବା ତୀବ୍ର ଗୋଷ୍ଠୀକନ୍ଦଳର ଫାଇଦା ଉଠାଇ ବିଜେପି ବିଭିନ୍ନ ପୌର ସଂସ୍ଥା ଓ ପଂଚ଼ାୟତସମିତିକୁ ନିଜ ଦଖଲକୁ ନେଇପାରେ ବୋଲି ହେଉଥିବା ଚ଼ର୍ଚ୍ଚା ମଧ୍ୟରେ ଆଜି ନିଜର ନିର୍ବାଚ଼ିତ ପ୍ରତିନିଧିଙ୍କ ପଦକୁ ସୁରକ୍ଷା ଯୋଗାଇବାରେ ବିଫଳ ହେବା ଏବେ ରାଜନୀତିକ ମହଲରେ ଚ଼ର୍ଚ୍ଚାର ବିଷୟ ପାଲଟିଛି ।ଫୁଲବାଣୀ ପୌରାଧକ୍ଷା ସ୍ମିତାରାଣୀ ମହାନ୍ତିଙ୍କ ବିରୁଦ୍ଧରେ ୮ ନମ୍ବର ୱାର୍ଡର କାଉନସିଲର ରାଜେନ୍ଦ୍ର କୁମାର ପା?ୀଙ୍କ ସମେତ ମୋଟ ୧୧ଜଣ କାଉନସିଲର ଆଣିଥିବା ଅନାସ୍ଥା ପ୍ରସ୍ତାବ ଆଜି ଦୁଇ ତୃତୀୟାଂଶ ଭୋଟରେ ପାରିତ ହୋଇଛି। ମୋଟ ୧୩ଜଣ ସଦସ୍ୟ ବିଶିଷ୍ଟ ଏହି ପୌର ପରିଷଦରେ ବିଜେପିର ୪ଜଣ, ବିଜେଡିର ୭ଜଣ ଓ ୨ଜଣ ସ୍ୱାଧୀନ



କାଉନସିଲର ଅଛନ୍ତି। କିନ୍ତୁ ଆଜିର ଅନାସ୍ଥା ଭୋଟରେ ବିଜେପିର ୨ଜଣ କାଉନସିଲର ଅନୁପସ୍ଥିତ ରହିଥିଲେ । ଆଉ ଅନ୍ୟ ୨ଜଣ କାଉନସିଲର ନିଜ ଦଳର ଅଧ୍ୟକ୍ଷାଙ୍କ ବିରୁଦ୍ଧରେ ଆସିଥିବା ଅନାସ୍ଥା ପ୍ରସ୍ତାବକୁ ସମର୍ଥନ କରି ଭୋଟ୍ ଦେଇଥିଲେ । ଭୋଟରେ ମୋଟ ୧୧ଜଣ କାଉନସିଲର ଭାଗ ନେଇଥିଲେ ଓ ଜଣେ କାଉନସିଲରଙ୍କ ଭୋଟ ନାକଚ଼ ହେବାରୁ ୧୦ଜଣଙ୍କ ସମର୍ଥନରେ ଅନାସ୍ଥା ପ୍ରସ୍ତାବ ପାରିତ ହୋଇଥିବା ନେଇ ଉପଜିଲ୍ଲାପାଳ ଚ଼ିତ୍ତରଞ୍ଜନ ମହନ୍ତ ରାଜ୍ୟ ସରକାରଙ୍କୁ ଅବଗତ କରିଛନ୍ତି। ତେବେ ପ୍ରଶ୍ନ ଉଠୁଛି, ରାଜ୍ୟରେ ବିଜେପିର ସରକାର ଓ ଫୁଲବାଣୀରେ ବିଜେପି ବିଧାୟକ ଥିବାସତ୍ତ୍ୱେ ଶ୍ରୀମତୀ ମହାନ୍ତିଙ୍କ ପୌରାଧକ୍ଷା ପଦକୁ ବଂଚ଼ାଇବା ପାଇଁ ବିଜେପି କାହିଁକି ଆବଶ୍ୟକ ରଣନୀତି ପ୍ରସ୍ତୁତ କଲା ନାହିଁ । କନ୍ଧମାଳ ଲୋକସଭା ଆସନ ବିଜେପି ପାଖରେ ରହିଛି । ଏହି ଲୋକସଭା ଅନ୍ତର୍ଗତ ସମସ୍ତ ୭ଟିରୁ ୪ଟି ଆସନ ବିଜେପି ଖାତାକୁ ଯାଇଛି । ଫୁଲବାଣୀରେ ବିଜେପିର ନିଜସ୍ୱ ବିଧାୟକ ଅଛନ୍ତି । ଏହି ଲୋକସଭା ଆସନ ଅନ୍ତର୍ଗତ ବିଧାୟକ ସରୋଜ କୁମାର ପ୍ରଧାନଙ୍କୁ ଗତକାଲି ସରକାରୀ ଦଳ ମୁଖ୍ୟ ସଚେତକ ପଦରେ ବିଜେପି ଅବସ୍ଥାପିତ କରାଇଛି । ତଥାପି ଦଳର ନିର୍ବାଚ଼ିତା ପୌରାଧକ୍ଷା ଶ୍ରୀମତୀ ମହାନ୍ତିଙ୍କ ପଦକୁ ବଂଚ଼ାଇବାରେ ବିଜେପି ସେଠାରେ ବିଫଳ ହୋଇଛି ।ବିଜେଡି ନିଜର କାଉନସିଲରମାନଙ୍କ ଉପରେ ହ୍ୱିପ୍ ଜାରି କରିବା ସହ ପୂର୍ବତନ ଜିଲ୍ଲା ପର୍ଯ୍ୟବେକ୍ଷକ ବିଜୟ ନାୟକଙ୍କୁ ସେଠାକୁ ପଠାଇ ନିର୍ବାଚ଼ନରେ ବିଜେପିର ପୌରାଧକ୍ଷଙ୍କ ପଦ କିଭଳି ଯିବ ତାହା ସୁନିଶ୍ଚିତ କରାଇଥିଲା । ମାତ୍ର ବିଜେପିର ସ୍ଥାନୀୟ ବିଧାୟକ ଓ ସାଂସଦଙ୍କ ପକ୍ଷରୁ ସେଭଳି ଆଖିଦୃଶିଆ ପ୍ରୟାସ ହୋଇନଥିବା ଜଣାପଡିଛି । ଯେଉଁଥିପାଇଁ ଦଳକୁ ନିଜର ନିର୍ବାଚ଼ିତ ପ୍ରତିନିଧିଙ୍କୁ ହରାଇବାକୁ ପଡିଛି ।ରାଜ୍ୟରେ ୨୦୨୨ ପୌର ଓ ପଂଚ଼ାୟତ ନିର୍ବାଚ଼ନରେ ବିଜେଡିକୁ ୭୦ପ୍ରତିଶତରୁ ଅଧିକ ସଫଳତା ମିଳିଥିଲା । ଏବେ ବିଜେଡିର ସରକାର ନଥିବା ଏବଂ ଦଳ ଭିତରେ ବ?ୁଥିବା ଅନ୍ତଃକନ୍ଦଳ ଯୋଗୁ ଅଧିକାଂଶ ଜିଲ୍ଲାରେ ଏହି ବିଜେଡି ପାଇଁ ଅଡୁଆ ବ?ିବାରେ ଲାଗିଛି । ମାତ୍ର ରାଜନୀତିକ ଦୃଷ୍ଟିରୁ ବିଜେପି ଯେଉଁ ଢଙ୍ଗରେ ଏସବୁକୁ ପରିଚ଼ାଳନା କରିବା କଥା ତାହା କରୁନଥିବାରୁ ଦଳକୁ ନିରାଶ ହେବାକୁ ପଡୁଥିବା ଚ଼ର୍ଚ୍ଚା ।

## ଜମାକାରୀଙ୍କ ୪୦ ଲକ୍ଷ ଟଙ୍କା ନେଇଗଲେ ପୋଷ୍ଟମାଷ୍ଟର !

ଭୁବନେଶ୍ୱର,୨୩।୭(ପି.ଏନ): କିଏ କେତେ କଷ୍ଟକରି ରୋଜଗାର କରିଥିବା ଟଙ୍କା ପୋଷ୍ଟ ଅଫିସ୍‌ରେ ଜମା କରିଥିଲେ। ହେଲେ ପୋଷ୍ଟମାଷ୍ଟର ଜମାକାରୀଙ୍କ ଝାଳବୁହା ଟଙ୍କା ଧରି ଚ଼ମ୍ପଟ ମାରିଲେ। ଏପରି ଅଭିଯୋଗ ଆସିଛି କେନ୍ଦ୍ରାପଡା ଜିଲ୍ଲାରୁ। ଜମାକାରୀଙ୍କ ଅଭିଯୋଗ ଅନୁସାରେ ପୋଷ୍ଟମାଷ୍ଟର ୨୦ରୁ ୪୦ ଲକ୍ଷ ଟଙ୍କା ନେଇଯାଇଛି। ଘଟଣାର ତଦନ୍ତ ପାଇଁ ପଟ୍ଟାମୁଣ୍ଡାଇ ସବ୍-ପୋଷ୍ଟ ଅଫିସ୍‌ର ଇନ୍ସପେକ୍ଟର ଆଜି ଆସିଥିବା ବେଳେ ହିତାଧିକାରୀମାନେ ଅଟକ ରଖିଥିଲେ। ପ୍ରତିଶ୍ରୁତି ପରେ ଛାଡିଥିବା ଜଣାପଡିଛି। ପଟ୍ଟାମୁଣ୍ଡାଇ ସବ୍-ପୋଷ୍ଟ ଅଫିସ ଅଧୀନରେ ରହିଛି ସଂସାରଫଳ ପୋଷ୍ଟ ଅଫିସ। ଏହି ପୋଷ୍ଟ ଅଫିସରେ ପୋଷ୍ଟ ମାଷ୍ଟର ଭାବେ ଚ଼ାକିରି କରୁଥିଲେ ଜିନତ ରାଉତ। ତେଣୁ ଲୋକମାନେ ସେହି ପୋଷ୍ଟ ଅଫିସ୍?ରେ ସୁକନ୍ୟା, ଆରଡି, ଜମା, ଫିକ୍ସଡ୍? ଡିପୋଜିଟ୍ ଓ ଅନ୍ୟାନ୍ୟ ଯୋଜନାରେ ଜମା କରୁଥିଲେ। ପୋଷ୍ଟ ମାଷ୍ଟର ଶ୍ରୀ ରାଉତ ଟଙ୍କା ରିସିଭ୍ କରି ଷ୍ଟାମ୍ପ ମାରି ଜମାକାରୀଙ୍କୁ ପାସ୍‌ବୁକ୍ ଫେରାଇ ଦେଉଥିଲେ। ହେଲେ ଶ୍ରୀ ରାଉତ ସେହି ଟଙ୍କା ସବ୍-ପୋଷ୍ଟ ଅଫିସ୍‌ରେ ଜମା କରିବା ପରିବର୍ତ୍ତ ଆତ୍ମସାତ କରିଥିବା ଅଭିଯୋଗ ହୋଇଛି।

### ବଜେଟ ଘୋଷଣା ପରେ ୪ ହଜାର ଲେଖାଏ କମିଲା ସୁନା ଓ ରୁପା ଦର

ଭୁବନେଶ୍ୱର,୨୩।୭(ପି.ଏନ): ସାଧାରଣ ବଜେଟ ଉପସ୍ଥାପନ ବେଳେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି ଯେ ସୁନା ଓ ରୁପା ଉପରେ ଲାଗୁ ହେଉଥିବା ସୀମା ଶୁଳ୍କ ହ୍ରାସ କରାଯିବ। ଏପରି ଘୋଷଣା ପରେ ଉଭୟ ଧାତୁର ମୂଲ୍ୟ ଆଶାତୀତ ଭାବେ ହ୍ରାସ ପାଇଛି ।ଏହା ଗ୍ରାହକଙ୍କୁ ଫାଇଦା ଦେଇଛି ଓ ମାର୍କେଟରେ ଏହାର ଚ଼ାହିଦା ବଢ଼ିଛି। ତେବେ ବିଶାଳ ମାର୍କେଟ ଅବସ୍ଥା ଓ ଭୌଗଳିକ ରାଜନୀତିକ ବିବାଦ ସମ୍ଭବତଃ ଭବିଷ୍ୟତରେ ଏହାକୁ ପ୍ରଭାବିତ କରିପାରେ।

### ରାଜ୍ୟପାଳଙ୍କ ପୁଅ ପ୍ରସଙ୍ଗ ଉଠାଇ ବାଚ଼ସ୍ପତିଙ୍କ ମାଇକ୍ ଭାଙ୍ଗିଦେଲେ ବିଧାୟକ

ଭୁବେନେଶ୍ୱର,୨୩।୭(ପି.ଏନ): ରାଜ୍ୟ ବିଧାନସଭା ଅଧିବେଶନର ଦ୍ୱିତୀୟ ଦିନରେ ମଙ୍ଗଳବାର ବିଜେଡି ବିଧାୟକମାନେ ଆକ୍ରମଣମୋଡକୁ ଆସିଛନ୍ତି। ଗତକାଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯେଉଁ ରାଜ୍ୟପାଳଙ୍କ ପୁଅ ପ୍ରସଙ୍ଗ ଉଠାଇ ସରକାରଙ୍କୁ ଘେରିଥିଲେ, ଆଜି ସମାନ ପ୍ରସଙ୍ଗରେ ଉଭୟ ବିଜେଡି ଓ କଂଗ୍ରେସ ବିଧାୟକମାନେ ସରକାରଙ୍କୁ ଘେରିଛନ୍ତି ।ରାଜ୍ୟପାଳଙ୍କ ପୁଅ ଜଣେ ଏଏସଓଙ୍କୁ ମାଡ ମାରିବା ଘଟଣାରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଓ ଗୃହରେ ଏନେଇ ଆଲୋଚ଼ନା କରିବାକୁ ଦାବି କରିଥିଲେ ବିରୋଧୀଦଳର ବିଧାୟକ। ଏହାକୁ ନେଇ ଗୃହ ଭିତରେ ହୋ ହାଲ୍ଲା ଦେଖିବାକୁ ମିଳିଥିଲା । ବିରୋଧୀଦଳ ବିଧାୟକମାନେ ଏହି ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ଓଡିଆ ଅସ୍ମିତା କୁଆଡେ ଗଲା ବୋଲି ପ୍ରଶ୍ନ କରିଥିଲେ। ଏହି ହୋ ହାଲ୍ଲା ଭିତରେ ରାଜନଗର ବିଜେଡି ବିଧାୟକ ଧ୍ରୁବ ସାହୁ ବାଚ଼ସ୍ପତି ସୁରମା ପାଢ଼ୀଙ୍କ ପୋଡିୟମ ନିକଟକୁ ଯାଇ ତାଙ୍କ ମାଇକ୍ ଟାଣି ଆଣିଥିଲେ। ମାଇକଟି ତଳେ ପଡିଯିବାରୁ ଭାଙ୍ଗିଯାଇଥିବା ଦେଖିବାକୁ ମିଳିଛି।

## କେନ୍ଦ୍ର ବଜେଟ୍-୨୦୨୪: ମୋଦୀ-ନିର୍ମଳାଙ୍କୁ ଧନ୍ୟବାଦ ଜଣାଇଲେ ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ



ଭୁବନେଶ୍ୱର,୨୩।୭(ପି.ଏନ): ମୋଦୀ ସରକାରଙ୍କ ତୃତୀୟ ପାଳିର ପ୍ରଥମ ବଜେଟ୍‌କୁ ମୁଖ୍ୟମନ୍ତ୍ରୀ ମୋହନ ଚ଼ରଣ ମାଝୀ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରଶଂସା କରିଛନ୍ତି। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଶ୍ରୀ ମାଝୀ କହିଛନ୍ତି, ଚ଼ଳିତ ବଜେଟରେ ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ବିଶେଷ ଗୁରୁତ୍ୱ ଦେବା ସହ ଆବଶ୍ୟକୀୟ ଆର୍ଥିକ ସହାୟତା ପ୍ରଦାନ କରିବା ପାଇଁ ବ୍ୟବସ୍ଥା କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ ଓଡ଼ିଶାବାସୀଙ୍କ ତରଫରୁ ଧନ୍ୟବାଦ ଜଣାଉଛି। ପର୍ଯ୍ୟଟନ କ୍ଷେତ୍ର ସମେତ ବନ୍ୟଜନ୍ତୁ, ସାମୁଦ୍ରିକ ସମ୍ପଦ ଏବଂ ମନ୍ଦିରର ବିକାଶ ଆଦି ଓଡ଼ିଶାର ଆର୍ଥିକ ବିକାଶରେ ବିଶେଷ ସହାୟକ ହେବ, ଓଡ଼ିଶା ପର୍ଯ୍ୟଟନ ଆକର୍ଷଣର କେନ୍ଦ୍ର ପାଲଟିବ।

## ୬ ଜିଲ୍ଲାକୁ ୱାର୍ଣ୍ଣିଂ: ଘଡଘଡି ସହ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର,୨୩।୭(ପି.ଏନ): ଶ୍ରାବଣ ମାସରେ ଲାଗି ରହିଛି ଧାରା ଶ୍ରାବଣ । ବିଭିନ୍ନ ସ୍ଥାନରେ ଶ୍ରାବଣର ବର୍ଷାରେ ଭିଜୁଛି ଓଡିଶା । ତେବେ ଏହାମଧ୍ୟରେ ଆସନ୍ତା ୩ ଘଣ୍ଟା ପାଇଁ ୬ଟି ଜିଲ୍ଲାକୁ ସତର୍କ ସୂଚ଼ନା ଜାରି କରାଯାଇଛି । ଏହି ସମୟ ମଧ୍ୟରେ ଘଡଘଡି ସହ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ବୌଦ୍ଧ, କନ୍ଧମାଳ, ବଲାଙ୍ଗୀର ସମେତ କଳାହାଣ୍ଡି, ଗଞ୍ଜାମ ଏବଂ ଗଜପତିକୁ ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚ଼ନା ଜାରି ହୋଇଛି । ଆସନ୍ତା ୩ ଘଣ୍ଟା ଏହି ଜିଲ୍ଲା ଗୁଡିକରେ



ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏହାସହିତ ତଳିଆ ଅଞ୍ଚଳରେ ପାଣିଜମିବା ଆଶଙ୍କା ମଧ୍ୟ ସୃଷ୍ଟି ହୋଇଛି । ସେହିପରି ବିଭିନ୍ନ ସ୍ଥାନରେ ଟ୍ରାଫିକ ସମସ୍ୟା ମଧ୍ୟ ଦେଖା ଦେଇପାରେ ।

## କିମ୍ସରେ ୧୦ଦିନ ଶିଶୁର ସଫଳ ହୃଦ୍ ଅସ୍ତ୍ରୋପଚାର

ଭୁବନେଶ୍ୱର,୨୩।୭(ପି.ଏନ): କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡ଼ିକାଲ୍ ସାଇନ୍‌ସେସ୍(କିମ୍ସ)ର ଡାକ୍ତରମାନେ ଜନ୍ମଜାତ ହୃଦରୋଗର ଶିକାର ଜଣେ ୧୦ଦିନର ଶିଶୁର ଜୀବନ ରକ୍ଷା କରିବାରେ ସଫଳ ହୋଇଛନ୍ତି। କିମ୍ସର ନବଜାତ ଶିଶୁରୋଗ ବିଭାଗ, ହୃଦରୋଗ ଏବଂ ହୃଦରୋଗ ନିଶ୍ଚେତକ ବିଭାଗ ଡାକ୍ତରଙ୍କ ସମନ୍ୱିତ ପ୍ରଚେଷ୍ଟା ଯୋଗୁଁ ଏହା ସମ୍ଭବ ହୋଇଛି। ୨.୨ କିଲୋଗ୍ରାମ ଓଜନ ଥିବା ଶିଶୁଟି ଜନ୍ମଜାତ ହୃଦରୋଗ ସନ୍ଦେହରେ ରେଫର ହୋଇ କିମ୍ସକୁ ଆସିଥିଲା। ଶିଶୁଟି ଜନ୍ମରୁ ଅକ୍ସିଜେନ୍ ଆବଶ୍ୟକ କରୁଥିଲା ଏବଂ ତାର ଅକ୍ସିଜେନ୍ ସ୍ତର କ୍ରମାଗତ ଭାବେ କମ୍ ରହୁଥିଲା। ଶିଶୁଟି ହସ୍ପିଟାଲ୍‌କୁ ଆସିବା ବେଳେ ଅକ୍ସିଜେନ୍ ସପୋର୍ଟ ଓ ଔଷଧ ପ୍ରୟୋଗ ସତ୍ତ୍ୱେ ତାର ଅକ୍ସିଜେନ୍ ସାଚ୍ୟୁରେସନ୍ ୭୦ ପ୍ରତିଶତରୁ କମ୍ ରହୁଥିଲା। ଶିଶୁଟିର ସେକେଣ୍ଡ ହାର୍ଟ ସାଉଣ୍ଡ ସିଙ୍ଗୁଲାର ଥିବାବେଳେ କ୍ରମାଗତ ଭାବେ ଅସ୍ୱାଭାବିକ ଶବ୍ଦ ହେଉଥିବା ଜଣାପଡ଼ିଥିଲା। ପୁନର୍ବାର ଛାତି ଏକ୍ସ-ରେ ଏବଂ ଇକୋ-କାର୍ଡ଼ିଓଗ୍ରାଫିରୁ ଶିଶୁଟିର ପଲ୍‌ମୋନାରୀ ଆଟ୍ରେସିଆ ସ୍ଥିତି ଜଣାପଡ଼ିଥିଲା। ଏଥିରେ ଉଭୟ




ଫୁସ୍‌ଫୁସ୍‌କୁ ରକ୍ତ ସଞ୍ଚାଳନ ଗମ୍ଭୀର ଭାବେ ବାଧିତ ହୋଇଥାଏ। ଏଭଳି ସମସ୍ୟା ଥିବା ଶିଶୁଙ୍କ କ୍ଷେତ୍ରରେ ଯଦି ସେମାନଙ୍କ ଫୁସ୍‌ଫୁସ୍‌କୁ ପେଟେଣ୍ଟ ଡ଼କ୍‌ଟସ୍ ଆର୍ଟେରିଓସସ୍(ପିଡ଼ିଏ) ଭଳି ଅତିରିକ୍ତ ରକ୍ତ ସଞ୍ଚାଳନ ରହିଥାନ୍ତା ତେବେ ସେମାନଙ୍କ ଜୀବନ ରକ୍ଷା ହୋଇପାରନ୍ତା। କିନ୍ତୁ ପ୍ରାକୃତିକ ଭାବେ ହେଉଥିବା ଏହି ସଂଯୋଗ ସାଧାରଣତଃ ଜନ୍ମର ତୁରନ୍ତ ବାଦ୍ ବନ୍ଦ ହୋଇଯାଇଥାଏ। ତେବେ ଏଥିପାଇଁ ବ୍ଲାଲକ୍-ଟାସିଂଗ୍ (ବିଟି) ସଣ୍ଟ ଭଳି ଅନେକ ସର୍ଜିକାଲ୍ ବିକଳ୍ପ ରହିଛି। କିନ୍ତୁ ଏ କ୍ଷେତ୍ରରେ ବିଶେଷକରି ୨.୫ କିଲୋଗ୍ରାମ ଓଜନରୁ କମ୍ ଓଜନର ନବଜାତ ଶିଶୁଙ୍କ ପାଇଁ ଏସବୁ ସର୍ଜିକାଲ୍ ବିକଳ୍ପ କାର୍ଯ୍ୟକାରୀ କରିବାରେ ଅଧିକ ବିପଦ ଆଶଙ୍କା ରହିଥାଏ। କିମ୍ସ ହସ୍‌ପିଟାଲ୍‌ର ନବଜାତଶିଶୁ ବିଭାଗ ସମେତ ଡା. ଆଶିଷ ରଞ୍ଜନ ମହାକୁଡ଼ଙ୍କ ନେତୃତ୍ୱରେ ଶିଶୁ ହୃଦରୋଗ ଟିମ୍ ଓ ହୃଦ୍ ନିଶ୍ଚେତକ ବିଶେଷଜ୍ଞ ଡ଼ା. ଅଶୋକ ବଡ଼ମାଳି କେସ୍‌ଟିର ଟିକିନିଖି ତର୍ଜମା କରି ଶିଶୁଟିର ହୃତପିଣ୍ଡରେ ବନ୍ଦ ହେବାକୁ ଯାଉଥିବା ପ୍ରାକୃତିକ ସଂଯୋଗ ଡ଼କ୍‌ଟସ୍ ଆର୍ଟିରିଓସସ୍‌କୁ ଡାଇଲେଣ୍ଟି କରି ଷ୍ଟେଣ୍ଟ ଲଗାଇଥିଲେ। ଏହି ପ୍ରକ୍ରିୟା ପରେ ଶିଶୁର ଅକ୍ସିଜେନ୍ ସ୍ତରରେ ଆଶାତୀତ ସୁଧାର ଆସିଥିଲା ଏବଂ ଅକ୍ସିଜେନ ସ୍ତର ୯୦ ପ୍ରତିଶତକୁ ବଢ଼ିଥିଲା। ଶିଶୁଟିର ଜୀବନ ପ୍ରତି ଥିବା ବିପଦ ତୁରନ୍ତ ଦୂର ହେବା ସହ ଶିଶୁଟି ସାଧାରଣ ବାୟୁଚଳାଚଳ କ୍ଷେତ୍ରରେ ନିଶ୍ୱାସପ୍ରଶ୍ୱାସ ନେବା ଓ ସାଧାରଣ ଖାଦ୍ୟ ଗ୍ରହଣ କରିପାରିଥିଲା। ଏହି ସଫଳ ପ୍ରକ୍ରିୟା ଅଧିକ ଯନ୍ତ୍ରଣାଦାୟକ ଅସ୍ତ୍ରୋପଚାରର ଆବଶ୍ୟକତାକୁ ହ୍ରାସ କରି ପାରିଛି। ଏହାଦ୍ୱାରା ଅଧିକ ସମୟ ଧରି ନିଶ୍ଚେତକର ପ୍ରଭାବ ସହ ଜଡ଼ିତ ଅନ୍ୟାନ୍ୟ ବିପଦ ଆଶଙ୍କା ହ୍ରାସ କରାଯାଇପାରିଛି।

## ରାଜଧାନୀରେ ନକଲି ସସ୍ କାରଖାନା ଠାବ, କମିଶନରେଟ ପୋଲିସ ସ୍ପେଶାଲ ସ୍କ୍ୱାଡର ଚ଼ଢ଼ାଉ

ଭୁବନେଶ୍ୱର,୨୩।୭(ପି.ଏନ): ରାଜଧାନୀରେ ଦିନକୁ ଦିନ ସାଇବର ଠକେଇ ମାମଲା ପୋଲିସ ପାଇଁ ମୁଣ୍ଡ ବିନ୍ଧାର କାରଣ ପାଲଟିଥିବା ବେଳେ ରାଜଧାନୀରେ ନକଲି ସସ୍ ପ୍ରସ୍ତୁତ କାରଖାନାକୁ ନେଇ ଚ଼ର୍ଚ୍ଚା ହେଉଛି । ବିଶେଷ ସୂତ୍ରରୁ ଖବର ପାଇ ସ୍ପେଶାଲ ସ୍କ୍ୱାଡ୍ ନକଲି ସସ୍ କାରଖାନା ଉପରେ ଚ଼ଢ଼ାଉ କରିଥିଲେ । ବିପୁଳ ପରିମାଣର ନକଲି ଚ଼ିଲି ସସ୍ ଓ ଟମାଟୋ ସସ୍ ପ୍ରସ୍ତୁତ ହେଉଥିବା ବେଳେ ଏହି ଚ଼ଢ଼ାଉ କରାଯାଇଥିଲା ।ସୂଚ଼ନାରୁ ପ୍ରକାଶ ରାଜଧାନୀର ଭୀମଟାଙ୍ଗିରେ ଚ଼ାଲିଥିବା ଏକ ନକଲି ସସ୍ ଫ୍ୟାକ୍ଟ୍ରି ଉପରେ କମିଶନରେଟ୍ ପୋଲିସ ଚ଼ଢ଼ାଉ କରିଥିଲା । ଏହି




ନକଲି ସସ୍ ଫ୍ୟାକ୍ଟ୍ରି ବିନା ଲାଇସେନ୍ସରେ ବେଆଇନ୍ ଭାବେ ଚ଼ାଲିଥିବା ଜଣାପଡିଛି । ନକଲି କେମିକାଲ ରଂଗ ଓ ଫ୍ଲେଭର ଦେଇ ସସ୍ ପ୍ରସ୍ତୁତ ହେଉଥିଲା ଟମାଟୋ ଓ ଚ଼ିଲି ସସ୍ । ଭୁବନେଶ୍ୱର, କଟକ ଓ ପୁରୀରେ ଏହି ନକଲି ସସ୍ ସପ୍ଲାଇ କରାଯାଉଥିବା ଜଣାପଡିଛି । ତେବେ ଏହି ମାମଲାରେ ଆଉ କେତେ ଜଣଙ୍କ ସମ୍ପୃକ୍ତି ରହିଛି ନେଟୱାର୍କ କେଉଁଠି ବ୍ୟାପିଛି ଇତ୍ୟାଦି ବିଷୟରେ ପୋଲିସର ଅଧିକ ତଦନ୍ତ ଜାରି ରହିଛି।

## ଦାଦନ ଖଟିବାକୁ ଯାଇ ୧୯୭ ଜଣ ଶ୍ରମିକ ପ୍ରାଣ ହରାଇଛନ୍ତି

ଗତ ୫ ବର୍ଷରେ ଓଡିଶାରୁ ବାହାର ରାଜ୍ୟକୁ କାମ କରିବାକୁ ଯାଇ ୧୯୭ ଜଣ ଶ୍ରମିକ ପ୍ରାଣ ହରାଇଛନ୍ତି। ସେହିପରି ବିଦେଶକୁ କାମ କରିବାକୁ ଯାଇ ୩୧ ଜଣଙ୍କ ଜୀବନ ଯାଇଛି। ତାମଧ୍ୟରୁ କେବଳ ୮ ଜଣଙ୍କ ମରଶରୀର ରାଜ୍ୟକୁ ଫେରିପାରିଛି। ବିଜେଡି ବିଧାୟକ ସନାତନ ମହାକୁଡଙ୍କ ଲିଖିତ ପ୍ରଶ୍ନରେ ଏହି ଉତ୍ତର ରଖିଛନ୍ତି ଶ୍ରମ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ।










# ଟି ଟାଇମ୍

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖି କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ଟର୍ମିନେଟର୍ ବ୍ୟକ୍ତି



ନିଜେଲ ଆର୍କଲ୍ୟାଣ୍ଡ। ତାଙ୍କ ବୟସ ୫୩ ବର୍ଷ। ସେ ନିଜକୁ ପ୍ରସିଦ୍ଧ ହଲିଉଡ୍ ଫିଲ୍ମ ଟର୍ମିନେଟର୍ ଆର୍ନଲ୍ଡ ଶ୍ୱାଜର୍ଣ୍ଣେଗର ଭାବୁଛନ୍ତି। ଏହାର କାରଣ ସେ ନିଜ ହାତରେ ଏକ ବାୟୋଇଲେକ୍ଟ୍ରିକ୍ ପ୍ରୋସ୍ଥେଟିକ୍ ଆର୍ମ ଲଗାଇଛନ୍ତି। ହାର୍ଟ ଫୋର୍ଡଶାୟର୍‌ରେ ବାସ କରୁଥିବା ନିଜେଲ୍ କାରଖାନାରେ ହୋଇଥିବା ଏକ ଦୁର୍ଘଟଣାରେ ନିଜ ହାତ ହରାଇ ବସିଥିଲେ। ତେଣୁ ସେ ଏବେ ଗୋଟିଏ ପ୍ରୋସ୍ଥେଟିକ୍ ହାତ ଲଗାଇଥିବା ଜଣାପଡିଛି। ‘ବେବୋନିକ୍ ୩’ ବର୍ତ୍ତମାନର ସବୁଠାରୁ ଭଲ ବାୟୋଇଲେକ୍ଟ୍ରିକ୍ ହାତ। ଏହି ପ୍ରୋସ୍ଥେଟିକ୍ ଆର୍ମ ବ୍ୟକ୍ତିଙ୍କ ମାଂସପେଶୀରୁ ମିଳୁଥିବା ସଂକେତକୁ ଗ୍ରହଣ କରିଥାଏ। ଏହାର ଆଧାରରେ ଏହି ହାତ ତୁରନ୍ତ କାମ କରିବା ଆରମ୍ଭ କରିଥାଏ ଏବଂ ଯେକୌଣସି କାମକୁ ସଠିକ୍ ପରିଣାମ ଦେଇଥାଏ। ଏହି କୃତ୍ରିମ ହାତ ଏତେ ପ୍ରଭାବିତ ଯେ, ଏହା ସାହାଯ୍ୟରେ ଭଲ ହ୍ୟାଣ୍ଡ ରାଇଟିଂରେ ମଧ୍ୟ ଆପଣ ଲେଖିପାରିବେ। ‘ବେବୋନିକ୍-୩’ରେ ୧୪ ପ୍ରକାରର ହ୍ୟାଣ୍ଡ ପୋଜିସନ୍ ଏବଂ ଗ୍ରିପ୍ ରହିଛି। ଏହି ହାତକୁ ପିନ୍ଧିଥିବା ବ୍ୟକ୍ତି ସେହି ସବୁ କାମ କରିପାରିବେ, ଯାହା ଜଣେ ସାଧାରଣ ବ୍ୟକ୍ତି କରିପାରେ। ଏହି କୃତ୍ରିମ ହାତଟିକୁ କାର୍ବନ୍ ଫାଇବର୍‌ରେ ତିଆରି କରାଯାଇଛି। ଏହି କୃତ୍ରିମ ହାତ ସହିତ ଗୋଟିଏ ତ୍ୱଚା ରଙ୍ଗର ଗ୍ଲୋବ୍‌ସ ମଧ୍ୟ ଦିଆଯାଇଥାଏ, ଯାହାକୁ ପିନ୍ଧିବା ଦ୍ୱାରା ଏହା ପୁରାପୁରି ଅସଲି ହାତ ଭଳି ଲାଗିବ। ହଲିଉଡ୍ ଫିଲ୍ମ ଟର୍ମିନେଟ୍‌ରେ ଆର୍ଣ୍ଣଲ୍ଡ ମଧ୍ୟ କୃତ୍ରିମ ହାତର ପ୍ରୟୋଗ କରିଥିଲେ, ତେଣୁ ନିଜେଲ୍ ମଧ୍ୟ ଏବେ ସେହି ଫିଲ୍ମରୁ ପ୍ରଭାବିତ ହୋଇ ନିଜକୁ ଟର୍ମିନେଟ୍‌ର ବ୍ୟକ୍ତି ବୋଲି କହୁଥିବା ଜଣାପଡିଛି।

## ଚର୍ଚ୍ଚାରେ ‘ହରାମ୍‌ଖୋର’



ନୱାଜଉଦ୍ଦିନ ସିଦ୍ଦିକି ଓ ଶ୍ୱେତା ତ୍ରିପାଠୀଙ୍କ ଅଭିନୀତ ଫିଲ୍ମ ‘ହରାମ୍‌ଖୋର’ର ଟ୍ରେଲର ରିଲିଜ କରାଯାଇଛି। ପୂର୍ବରୁ ଫିଲ୍ମକୁ ନେଇ କିଛି ସମସ୍ୟା ଦେଖାଦେଇଥିଲା। ମାତ୍ର ଫିଲ୍ମଟି ସମାଜକୁ ଏକ ସୁନ୍ଦର ବାର୍ତ୍ତା ପ୍ରଦାନ କରୁଥିବାରୁ ଏହାର ବ୍ୟାନକୁ ହଟାଇଦିଆଯାଇଛି । ଗୁଜୁରାଟର ଏକ ଛୋଟ ଗାଁରେ ସୁଟିଂ କରାଯାଇଛି ସମ୍ପୂର୍ଣ୍ଣ ଫିଲ୍ମ। ଶ୍ଲୋକ ଶର୍ମାଙ୍କ ନିର୍ଦ୍ଦେଶନାରେ ମାତ୍ର ୧୬ଦିନରେ ଶେଷ ହୋଇଛି ପୂରା ଫିଲ୍ମର ସୁଟିଂ। ଫିଲ୍ମର କାହାଣୀରେ ଜଣେ ୧୪ବର୍ଷର ଝିଅର ନିଜ ପ୍ରଫେସରଙ୍କ ସହ ପ୍ରେମକାହାଣୀକୁ ଦର୍ଶାଯାଇଛି। ନିଛକ ଗାଁର ଛବି ଓ ଏହାର ସଙ୍ଗୀତ ଟ୍ରେଲରଟିକୁ ଅଧିକ ଆକର୍ଷଣୀୟ କରିଛି।

# ପୁରାଣ କାହାଣୀ

## ମୂଷାଙ୍କ ମନ୍ଦିର



ଭାରତର ରାଜସ୍ଥାନରେ ବିଭିନ୍ନ ପ୍ରକାର ଲୋକ ଦେଖିବାକୁ ମିଳୁଥିବା ବେଳେ ସେମାନଙ୍କର ପରମ୍ପରା ମଧ୍ୟ ଅଲଗା ପ୍ରକାରର ହୋଇଥାଏ । ଥାର ମରୁଭୂମି ନିକଟରେ ଦେଶନୋକେ ନାମକ ଏକ ଛୋଟ ସହର ରହିଛି । ଯେଉଁଠାରେ କରଣୀ ମାତା ମନ୍ଦିର ରହିଛି । ଏହି ମନ୍ଦିର ଅନ୍ୟ ହିନ୍ଦୁ ମନ୍ଦିର ମଧ୍ୟରୁ ଗୋଟିଏ । କରଣୀ ମନ୍ଦିରକୁ ନେଇ ଲୋକମାନଙ୍କ ମନରେ ଅନେକ ଆଧ୍ୟାତ୍ମିକ ଭାବନା ରହିଛି । ମନ୍ଦିରରେ କରଣୀ ମାତାଙ୍କୁ ପୂଜା କରିବା ସହିତ ସେଠାରେ ମୂଷାମାନଙ୍କୁ ମଧ୍ୟ ପୂଜା କରାଯାଏ । ଆଶ୍ୱର୍ଯ୍ୟର କଥା ସେଠାରେ ଗୋଟିଏ ଦୁଇଟି ମୂଷା ନୁହେଁ ବରଂ ପାଖାପାଖି ୨୦ହଜାର ମୂଷା ରହନ୍ତି ସେହି ମନ୍ଦିରରେ । ସେଠାକାର ମୂଷାମାନେ କବାସ୍ ନାମରେ ପରିଚିତ। ଲୋକକଥା ଓ ପରମ୍ପରା ଅନୁସାରେ, ମୂଷାମାନଙ୍କୁ ନେଇ ଦୁଇଟି କାହାଣୀ ରହିଛି । କୁହାଯାଏ ସେଠାରେ ଜନ୍ମ ହୋଇଥିବା ସବୁ ଶିଶୁ ମୂଷା ହୋଇ ଜନ୍ମ ନେଲେ। ଦ୍ୱିତୀୟତଃ ୨୦ହଜାର ମୂଷାଙ୍କୁ ସୈନିକ ସଦୃଶ ନିଯୋଜିତ କରାଯାଇଥିଲା।

## ମା’ କ୍ଷୀର ପରି ଉପକାରୀ ନଡ଼ିଆ ରସ



ଶିଶୁଟି ପାଇଁ ମା’ର କ୍ଷୀର ସ୍ୱାସ୍ଥ୍ୟକର ଏବଂ ଲାଭଦାୟକ ମଧ୍ୟ । କିନ୍ତୁ ନିକଟରେ କରାଯାଇଥିବା ଏକ ରିସର୍ଚ୍ଚରୁ ଜଣାଯାଇଛି ଯେ, ମା’ର କ୍ଷୀର ଭଳି ନଡ଼ିଆ କ୍ଷୀରରେ ମଧ୍ୟ ଅନୁରୂପ ତତ୍ତ୍ୱ ରହିଛି ଯାହା ଛୋଟ ଶିଶୁମାନଙ୍କ ପାଇଁ ଉପାଦେୟ । ଏପରି ମତ ପ୍ରକାଶ କରିଛି ନଡ଼ିଆ ବିକାଶ ବୋର୍ଡ । ନଡ଼ିଆ ରସକୁ ବ୍ୟବହାର କରି ଖାଦ୍ୟ ପ୍ରସ୍ତୁତ କରାଯାଇପାରିବ । ନଡ଼ିଆ ବିକାଶ ବୋର୍ଡର ଅଧ୍ୟକ୍ଷ ଟି.କେ. ଯୋଶ କହିଛନ୍ତି ପଶୁମାନଙ୍କର ଦୁଧିରେ ଲାକ୍ଟୋଜ(ଏକ ପ୍ରକାରର ଶର୍କରା) ରହିଛି । କିନ୍ତୁ ନଡ଼ିଆ କ୍ଷୀରରେ ଲାକ୍ଟୋଜ ନଥାଏ । ମାଲେସିୟା, ଭିଏତ୍‌ନାମ ଭଳି ଦେଶରେ ଥାଇଲ୍ୟାଣ୍ଡ, ଶ୍ରୀଲଙ୍କା ଏବଂ ଶିଶୁମାନଙ୍କୁ ମା’ର ଦୁଧ ନ ମିଳିପାରିବା ସ୍ଥିତିରେ ଗାଈ ଦୁଧର ବ୍ୟବହାର ଅଧିକ ହୋଇଥାଏ । ନଡ଼ିଆ କ୍ଷୀରକୁ ପ୍ରାକୃତିକ ସ୍ୱାସ୍ଥ୍ୟ ରୂପରେ ମାନ୍ୟତା ମିଳିଛି । ରନ୍ଧା ହୋଇଥିବା ନଡ଼ିଆ କୋରାରୁ ନଡ଼ିଆ କ୍ଷୀର ବାହାର କରାଯାଇଥାଏ । କେତେକ ଦେଶରେ ନଡ଼ିଆ କ୍ଷୀରକୁ ନଡ଼ିଆ ରସ ବୋଲି ମଧ୍ୟ କୁହାଯାଇଥାଏ । ନଡ଼ିଆ ବିକାଶ ବୋର୍ଡର ଅଧିକାରୀ ଏନି ଇୟାପେନ ଏବଂ ଅନିତା ଜାୟ କହିଛନ୍ତି ନଡ଼ିଆ ରସରେ କୋଲେଷ୍ଟ୍ରଲ ନାହିଁ । କିନ୍ତୁ କାର୍ବୋହାଇଡ୍ରେଟ୍ସ ୧୫ରୁ ୧୬ପ୍ରତିଶତଃ ପର୍ଯ୍ୟନ୍ତ ରହିଛି ।

## କୁକୁରଙ୍କୁ ଅପମାନିତ କଲେ ଜେଲ



ଥାଇଲ୍ୟାଣ୍ଡରେ ରାଜକୀୟା ନିନ୍ଦାକୁ ନେଇଁ ସେଠାରେ ଭିନ୍ନ ଭିନ୍ନ କଠୋର ଦଣ୍ଡର ବ୍ୟବସ୍ଥା ରହିଥିବାର ଦେଖିବାକୁ ମିଳିଥାଏ । ବର୍ତ୍ତମାନ ଏକ ରାଜବଂଶର ଅପମାନକୁ ନେଇଁ ଜଣେ ବ୍ୟକ୍ତିଙ୍କୁ ଜେଲ୍ ହୋଇଗଲା କାରଣ ସେ ରାଜାଙ୍କ କୁକୁରକୁ ଅପମାନି ତ କରିଥିଲେ । ଓକିଲ ପାବିନି ଚମଶ୍ରୀଙ୍କ ମତରେ ୨୭ବର୍ଷୀୟ ଥନାକୋର୍ଣ୍ଣ ସିରିପାଇବୁନ୍ ନାମକ ଜଣେ ବ୍ୟକ୍ତି ସୋସିଆଲ୍ ସାଇଟ୍ ଫେସ୍‌ବୁକ୍‌ରେ ରାଜା ଏବଂ ତାଙ୍କର କୁକୁରକୁ ନେଇଁ ଏକ ବ୍ୟଙ୍ଗାତ୍ମକ ଟିପ୍ପଣୀ ଦେଇଥିଲେ । ଫେସ୍‌ବୁକ୍‌ରେ ଛଅ ଡିସେମ୍ବରକୁ ପୋଷ୍ଟ କରାଯାଇଥିଲା ସର୍ବମୋଟ ତିନୋଟି ଫଟୋ । ଏହି ଅପଲୋଡ୍ କରାଯାଇଥିବା ଫଟୋ ମଧ୍ୟରେ ରାଜାଙ୍କର କୁକୁର ଉପରେ ବ୍ୟଙ୍ଗ କରାଯାଇଥିଲା । ଏହାପରେ ପୋଲିସ ବ୍ୟଙ୍ଗ ଟିପ୍ପଣି ଦେଇଥିବା ଉକ୍ତ ବ୍ୟକ୍ତି ଜଣଙ୍କୁ ଗିରଫ କରେଇନେଇଥିଲା । ଫେସ୍‌ବୁକ୍‌ରେ ରାଜାଙ୍କର ପରିହାସ କରିଥିବା ଫଟୋକୁ ଲାଇକ୍ କରିବା ଏବଂ ତାକୁ ସେୟାର କରିବା ଓ ଭ୍ରଷ୍ଟାଚାର ବଢେଇବା ମାମଲାରେ ଏକ ଇନ୍‌ଫୋଗ୍ରାଫ ସେୟାର କରିବା ମାମଲାରେ ରାଜଦ୍ରୋହି, ରାଜ ନିନ୍ଦା ଏବଂ କମ୍ପୁଟର ଅପରାଧର ମାମଲା ବି ଦାଖଲ କରାଯାଇଛି । ଏହି ମାମଲାରେ ୩୭ବର୍ଷ ପର୍ଯ୍ୟନ୍ତ ଜେଲ ହୋଇପାରେ । ଥାଇଲ୍ୟାଣ୍ଡ ସେହି ଦେଶମାନଙ୍କ ମଧ୍ୟରେ ଗଣାଯାଏ ଯେଉଁଠାରେ ରାଜ ନିନ୍ଦାକୁ ନେଇ ଆଇନ ଲାଗୁ ହୋଇଥାଏ । ରାଜା, ରାଣୀ କିମ୍ବା ତାଙ୍କର କୌଣସି ରାଜକୀୟ ମାମଲାକୁ ନେଇଁ ପ୍ରତ୍ୟେକ ମମଲାର ଦୋଷୀମାନଙ୍କୁ ୧୫ବର୍ଷର ଜେଲ୍ ଦଣ୍ଡ ଦେଶ ହେବାର ନିୟମ ରହିଥାଏ ।

## ଦୃଷ୍ଟିହୀନଙ୍କର ଆଶା ବାଡ଼ି




ଦେଖିବାରେ ଅସମର୍ଥ ଲୋକମାନଙ୍କ ପାଇଁ ଏକ ଭଲ ଖବର । ଏବେ ତୁରନ୍ତ ତାଙ୍କ ସମସ୍ୟାର ସମାଧାନ ହୋଇଯିବ । ବ୍ରିଟିଶ ବୈଜ୍ଞାନିକମାନେ ଏପରି ଏକ ଚଷମା ପ୍ରସ୍ତୁତ କରିଛନ୍ତି, ଯାହାକୁ ପରିଧାନ କରିବା ପରେ ଠିକ୍ ଭାବରେ ଦେଖାଯାଉନଥିବା ଜିନିଷ ଦେଖାଯାଇଥାଏ। ଏହି ଖାସ ଚଷମାଟକୁ ବିକସିତ କରୁଥିବା ବୈଜ୍ଞାନିକମାନେ କୁହନ୍ତି, ଏଥିରେ ଏକ ସୁକ୍ଷ୍ମ କ୍ୟାମେରା ଲାଗାଯାଇଛି, ଯାହା ସମସ୍ତ ଜିନିଷକୁ ଚିହ୍ନିପାରେ । ଯେପରି ଫ୍ରିଜ ଭିତରେ ରହିଥିବା ଜିନିଷ, ଦୋକାନରେ ରହିଥିବା ଦ୍ରବ୍ୟ ଇତ୍ୟାଦି। ଏହି କ୍ୟାମେରା ଥରେ ଗୋଟିଏ ଜିନିଷକୁ ଦେଖିବା ପରେ ତାକୁ ସେ ଧ୍ୱନୀ ସଂକେତରେ ବଦଳି ଦେଇଥାଏ । ଯାହାଦ୍ୱାରା ଚଷମା ପିନ୍ଧୁଥିବା ବ୍ୟକ୍ତି ମୋବାଇଲ୍ ଆପ୍ଲିକେଶନ ଏବଂ ଇୟରପିସ୍‌ର ସାହାଯ୍ୟରେ ଶୁଣିପାରେ । ଏହି ଚଷମା ଏତେ କାର୍ଯ୍ୟକାରୀ ଯେ, ଏହାକୁ ବ୍ୟବହାର କରୁଥିବା ବ୍ୟକ୍ତିମାନେ ସାମାନ୍ୟ ବହି ପଢିପାରିବେ । ଯଦି ଅକ୍ଷରଗୁଡ଼ିକ ଅତି ଛୋଟ ରହିଥାଏ ତେବେ ଏହି କ୍ୟାମେରାକୁ ଜୁମ୍ ଇନ୍ ବି କରାଯାଇପାରିବ । ବୈଜ୍ଞାନିକଙ୍କ କହିବାନୁସାରେ ଚଷମାରେ ଚେହେରାକୁ ଚିହ୍ନିବା ପାଇଁ ସଫ୍ଟୱେର ଲଗାଯାଇଛି । ଚଷମା ସମ୍ମୁଖକୁ ଆସୁଥିବା ସବୁ ଜିନିଷ କିମ୍ବା ବ୍ୟକ୍ତି ବିଶେଷ କିଏ ଓ ପୂର୍ବରୁ ତାଙ୍କ ସହିତ କେବେ ଦେଖା ହୋଇଥିଲା ଆଦି ସୂଚନା ଦେଇଥାଏ ଏହି ଚଷମା। ଦୃଷ୍ଟିଶକ୍ତି ଦୁର୍ବଳ ଥିବା ଲୋକମାନଙ୍କ ପାଇଁ ଏହା ବରଦାନ ସଦୃଶ। ବୈଜ୍ଞାନିକମାନଙ୍କର ଅନୁମାନ ରହିଛି କି ପାଖାପାଖି ଏକ ବର୍ଷ ପରେ ଏହି ଚଷମା ବଜାରରେ ଉପଲବ୍ଧ ହେବ ।

## ଥରକେ ୧୦୦



ଚୀନ ଏବଂ ଜାପାନରେ ନିୟମିତ ରୂପେ କିଛି ନା କିଛି ଭିନ୍ନ କାରନାମା ଦେଖିବାକୁ ମିଳିଥାଏ । କିଛି ଦିନ ପୂର୍ବରୁ ଜାପାନର ଜଣେ ଯୁବତୀ ଏକ ନୂତନ କାରନାମା କରି ଚର୍ଚ୍ଚାର ପରିସରକୁ ଆସିଥିଲେ । ତାଙ୍କର ନାମ ଦିଆଯାଇଥିଲା ‘ଚିଲି କିଙ୍ଗ’। କାହିଁକି ନା ଚିଲି କିଙ୍ଗ ଜଳଖିଆରେ ଖାଇଥାନ୍ତି ଅଢ଼େଇ କିଲୋ ଲଙ୍କା । ଏବେ ଆଉ ଜଣେ ଜାପାନୀ ଝିଅ ୟୁକୋ କିନୋସିତା ଥରକେ ୧୦୦ଟି ବ୍ରେଡ୍ ଖାଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ନିଜର ଏପରି ଖାଦ୍ୟକୁ ନେଇ ସେ ଏକ ଭିଡ଼ିଓ ପ୍ରସ୍ତୁତ କରିଥିଲେ ଯାହାକୁ ସେ ୟୁ ଟ୍ୟୁବ୍‌ରେ ଅପଲୋଡ୍ କରିଥିଲେ । ବ୍ରେଡ୍ ଚ୍ୟାଲେଞ୍ଜର ନାମକ ଏହି ଭିଡିଓଟି ହେଉଛି ୬ମିନିଟ୍‌ର ଯାହା ଆଜି ପର୍ଯ୍ୟନ୍ତ ୨୦୦,୦୦୦ଥର ଦେଖାସରିଲାଣି । ଏହି ଭିଡିଓରେ ବ୍ରେଡର ୧୦ପ୍ୟାକେଟ୍ ରଖାଯାଇଥିଲା । ପ୍ରତି ପ୍ୟାକେଟ୍‌ରେ ୧୦ଟି ଲେଖାଏ ସ୍ଲାଇସ୍ ରହିଥାଏ। ଯାହାକୁ ୟୁକା ଥରକେ ଖାଇଦେଇଥାନ୍ତି । ଏହା ପୂର୍ବରୁ ୟୁକା ମେକୋନଲ୍ଡ ନାମକ ଜଣେ ଚ୍ୟାଲେଞ୍ଜର ୧୦୦ଚିକେନ୍‌କୁ ସେ ଏକାସାଥିରେ ଖାଇଯାଇଥାନ୍ତି।

## ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।




# ପଞ୍ଚସାଗର ଶକ୍ତିପୀଠ, ବାରଣାସୀ



ପଞ୍ଚସାଗର ଶକ୍ତିପୀଠ ହିନ୍ଦୁ ମାନଙ୍କ ପାଇଁ ପ୍ରମୁଖ ଧାର୍ମିକ ସ୍ଥଳ ମଧ୍ୟରେ ଗୋଟିଏ। ଏହି ଶକ୍ତିପୀଠ ଉତ୍ତରପ୍ରଦେଶ ରାଜ୍ୟର ବାରଣାସୀ ରେ ଅବସ୍ଥିତ। ପଞ୍ଚସାଗର ମନ୍ଦିରରେ ମାତା ସତୀଙ୍କୁ ବରାହୀ ରୂପରେ ପୂଜା କରାଯାଏ। ହିନ୍ଦୁ ଧର୍ମରେ ବରାହୀ ମାତାଙ୍କୁ ତିନି ଶ୍ରେଣୀରେ ପୂଜା କରାଯାଏ, ଶକ୍ତିସ୍ମ(ଦେବୀଙ୍କୁ ପୂଜା କରାଯାଏ), ଶୈବୀସ୍ମ(ଭଗବାନ ଶିବଙ୍କୁ ପୂଜା କରାଯାଏ) ଓ ବୈଷ୍ଣବୀସ୍ମ(ଭଗବାନ ବିଷ୍ଣୁଙ୍କର ପୂଜା କାଯୋଏ। ପଞ୍ଚସାଗର ମନ୍ଦିରର ବାସ୍ତୁକଳା ଖୁବ୍ ସୁନ୍ଦର ଓ ମନୋରମ। ମନ୍ଦିରରେ ଉପଯୋଗ ହୋଇଥିବା ପଥର ଗୁଡ଼ିକ ବାସ୍ତବରେ ଅନ୍ୟ ଅପେକ୍ଷା ସ୍ୱତନ୍ତ୍ର। ଏହି ପଥର ଗୁଡ଼ିକ ସୂର୍ଯ୍ୟ କିରଣରେ ଚମକ ସୃଷ୍ଟି କରେ। ଏହି ମନ୍ଦିରର ମୁଖ୍ୟ ବିଶେଷତା ହେଲା ଯେ, ଏହି ମନ୍ଦିର କେବଳ ସକାଳ ବେଳା ମାତ୍ର ଦୁଇଘଣ୍ଟା ପାଇଁ ଖୋଲାରୁହେ। ବାକି ପୂରାଦିନ ବନ୍ଦ ରୁହେ। କୁହାଯାଏ ଯେ, ରାତିରେ ମାତା ବରାହୀ ବାରଣାସୀକୁ ସୁରକ୍ଷା ଦିଅନ୍ତି। ପୌରାଣିକ କଥା ଅନୁସାରେ ଦେବୀ ବରାହୀ ଶବ୍ଦକୁ ଶକ୍ତି ରୂପରେ ପୂଜା କରାଯାଏ। ସେହିପରି ବରାହୀ ଶବ୍ଦ ଭଗବାନ ବିଷ୍ଣୁଙ୍କ ବରାହ ଅବତାରରୁ ସୃଷ୍ଟି ହୋଇଛି। ଏହି ମନ୍ଦିର ମାତା ସତୀଙ୍କ ଶକ୍ତିପୀଠ ମାନଙ୍କ ମଧ୍ୟରେ ଅନ୍ୟତମ। ଏହି ମନ୍ଦିରରେ ଶକ୍ତିଙ୍କୁ "ବରାହୀ" ରୂପରେ ପୂଜା କରାଯାଏ ଓ ଭଗବାନ ଶିବଙ୍କୁ "ମହାରୁଦ୍ର" ରୂପରେ ପୂଜା କରାଯାଏ। "ମହାରୁଦ୍ର"ର ଅର୍ଥ ପ୍ରଚଣ୍ଡ ରାଗିବାର ଅବତାର। ହିନ୍ଦୁ ପୁରାଣ ଶାସ୍ତ୍ର ଅନୁଯାୟୀ ବ୍ରହ୍ମାଣ୍ଡ ସରଂଚନା ପାଇଁ ଭଗବାନ ବ୍ରହ୍ମା, ଭଗବାନ ମହାଦେବ ଓ ଭଗବାନ ବିଷ୍ଣୁ ତାଙ୍କର ତଥାକଥିତ ମାତା ଆଦିଶକ୍ତିଙ୍କୁ ସନ୍ତୁଷ୍ଟି ପାଇଁ ଏକ ଯଜ୍ଞର ଆୟୋଜନ କଲେ।



ମା'ଶକ୍ତି ମଧ୍ୟ ଏଥିରେ ବ୍ରହ୍ମାଙ୍କୁ ସହଯୋଗ ଦେଲେ। ତେବେ ବ୍ରହ୍ମାଙ୍କ ପୁତ୍ର ଦକ୍ଷରାଜ ପିତାଙ୍କ ନିର୍ଦ୍ଦେଶରେ ମା' ଶକ୍ତିଙ୍କୁ ନିଜର ଝିଅ ରୂପରେ ପାଇବାକୁ ବିଭିନ୍ନ ଯଜ୍ଞ ଆଦି ଉପାସନା କଲେ। ଶେଷରେ ମା'ଶକ୍ତି ମାନବ ରୂପରେ ଜନ୍ମ ନେଲେ। ଏହା ପଛରେ ବ୍ରହ୍ମାଙ୍କର ଉଦ୍ଦେଶ୍ୟ ଥିଲା ଯେ, ଭଗବାନ ଶିବଙ୍କ ସହ ଶକ୍ତିଙ୍କର ମିଶ୍ରଣ କରାଇ ସୃଷ୍ଟି ସଂରଚନା କରିବା ପାଇଁ। ସେଥିପାଇଁ ସେ ତାଙ୍କର ନାମକରଣ କରିଥିଲେ ସତୀ। ମାତ୍ର କୌଣସି ପ୍ରକାର ମାତା ସତୀଙ୍କୁ ଶିବ ବିବାହ କରି କୈଳାଶ ପର୍ବତ ନେଇଗଲେ। ଏହା ଜାଣିପାରି ଦକ୍ଷଙ୍କ ରାଗ ଚରମ ସୀମାରେ ପହଂଚିଗଲା। ଶିବଙ୍କୁ ସବୁ ଦେବୀ ଦେବତାଙ୍କ ସାମ୍ନାରେ ଅପମାନିତ କରିବା ପାଇଁ ଦକ୍ଷ ମୁନିମଣ୍ଡଳ ଠାରେ ଏକ ଯଜ୍ଞର ଆୟୋଜନ କଲେ। ଝିଅ ସତୀ ଓ ଜ୍ୱାଇଁ ଶିବଙ୍କୁ ନିମନ୍ତ୍ରଣ କଲେ ନାହିଁ। ଏଥିରେ ନିଜକୁ ଅପମାନିତ ବୋଧ କରି ସତୀ ସ୍ୱଂୟ ବାପାଙ୍କ ଯଜ୍ଞ ସ୍ଥଳରେ ପହଂଚି ଯାହା ଦେଖିଲେ ଆଖିକୁ ବିଶ୍ୱାସ କଲେ ନାହିଁ। ବାପା ଦକ୍ଷ କିଛି ଆଦର ଗଉର ନକରି ଝିଅ ଜ୍ୱାଇଁଙ୍କୁ ଅପମାନ ସୂଚକ ଶବ୍ଦ ସବୁ ଶୁଣାଇଲେ। ସେହିକ୍ଷଣି ବାପାଙ୍କ ଅପମାନକୁ ସହ୍ୟ କରି ନପାରି ମାତା ସତୀ ଅଗ୍ନି କୁଣ୍ଡରେ ଆତ୍ମଦାହ କଲେ। ତ୍ରିକାଳଦର୍ଶୀ ଶିବ ଏ ଖବର ଜାଣି ସେଠାରେ ପହଞ୍ଚିଲେ ଓ ଗଭୀର ଦୁଃଖରେ ସତୀଙ୍କ ମର ଶରୀର ଧରି ତାଣ୍ଡବ ନୃତ୍ୟ କରିବାକୁ ଲାଗିଲେ। ଏହାଦ୍ୱାରା ସାରା ବ୍ରହ୍ମାଣ୍ଡ ପ୍ରକମ୍ପିତ ହୋଇ ଉଠିଲା। ସବୁଆଡ଼େ ଚାଲିଲା ଧ୍ୱଂସଲୀଳା। ଦେବ ଦେବୀ ମାନେ ଏହାର ସମାଧାନ ବା ଭଗବାନ ଶିବଙ୍କ କ୍ରୋଧକୁ ଶାନ୍ତ କରିବା ପାଇଁ କିଛି ଉପାୟ ବାହାର କରିବାକୁ ଭଗବାନ ବ୍ରହ୍ମା ଓ ଭଗବାନ ବିଷ୍ଣୁଙ୍କୁ ଅନୁରୋଧ କଲେ। ଧ୍ୱଂସଲୀଳା ବନ୍ଦ କରି ବ୍ରହ୍ମାଣ୍ଡରେ ଶାନ୍ତି ସ୍ଥାପନ ପାଇଁ ଭଗବାନ ବ୍ରହ୍ମା ଭଗବାନ ବିଷ୍ଣୁଙ୍କୁ ଅନୁରୋଧ କଲେ। ଭଗବାନ ବିଷ୍ଣୁ ଅନୁଭବ କଲେ ଯେ, ଯେପର୍ଯ୍ୟନ୍ତ ଭଗବାନ ଶିବଙ୍କ ହସ୍ତରୁ ମାତା ସତୀଙ୍କ ମର ଶରୀର ଅଲଗା ହୋଇନାହିଁ, ସେପର୍ଯ୍ୟନ୍ତ ଭଗବାନ ଶିବ ଶାନ୍ତ ହେବେ ନାହିଁ କି ବ୍ରହ୍ମାଣ୍ଡ ଧ୍ୱଂସାଭିମୁଖିରୁ ବର୍ତ୍ତିବ ନାହିଁ। ଏଣୁ ବ୍ରହ୍ମାଣ୍ଡ ରକ୍ଷା ପାଇଁ ସଙ୍ଗେସଙ୍ଗେ ଭଗବାନ ଶିବ ଧରିଥିବା ମାତା ସତୀଙ୍କ ମର ଶରୀରକୁ ଖଣ୍ଡ ବିଖଣ୍ଡିତ କରି ଆତ୍ମା ରହିତ କରିବାକୁ ଭଗବାନ ବିଷ୍ଣୁ ନିଜର ସୁଦର୍ଶନ ଚକ୍ରକୁ ଆଦେଶ ଦେଲେ।

କିଛିକ୍ଷଣ ମଧ୍ୟରେ ସୁଦର୍ଶନ ଚକ୍ର ମା'ସତୀଙ୍କ ଶରୀରକୁ ଖଣ୍ଡ ବିଖଣ୍ଡିତ କରିଦେଲା ଓ ମା'ଙ୍କ ଶରୀରର ବିଭିନ୍ନ ଅଂଶ ଭାରତୀୟ ଉପମହାଦେଶର ଅନେକ ସ୍ଥାନରେ ବିଞ୍ଛିହୋଇ ପଡ଼ିଲା। ଦୁଃଖରେ ମ୍ରିୟମାଣ ଭଗବାନ ଶିବ ସତୀଙ୍କ ବିଖଣ୍ଡିତ ଅଙ୍ଗ ଖୋଜିବା ଆରମ୍ଭ କଲେ। ଏଥିରେ ସହାୟତା କଲେ ଭଗବାନ ଭୈରବ। ସର୍ବ ଶେଷରେ ମାତା ସତୀଙ୍କ ଅଙ୍ଗର ମୁଖ୍ୟାଂଶ ସମେତ ସମସ୍ତ ଖଣ୍ଡକୁ ଖୋଜି ପୂଜାର୍ଚ୍ଚନା ତଥା ଖଣ୍ଡ ଗୁଡ଼ିକୁ ସୁରକ୍ଷା ଦେବାକୁ ଭଗବାନ ଭୈରବଙ୍କୁ ନିର୍ଦ୍ଦେଶ ଦେଲେ ଭଗବାନ ବ୍ରହ୍ମା। ସେହି ଦୁର୍ଲଭ ସ୍ଥାନ ଗୁଡ଼ିକୁ ଭଗବାନ ବ୍ରହ୍ମା, ଭଗବାନ ବିଷ୍ଣୁ ଓ ଭଗବାନ ଶିବ ମିଶି ଶକ୍ତି ପୀଠର ମାନ୍ୟତା ଦେଲେ। ତେବେ ଭାରତୀୟ ଉପମହାଦେଶରେ ଥିବା ଶକ୍ତିପୀଠ ମାନଙ୍କ ମଧ୍ୟରେ ଉତ୍ତରପ୍ରଦେଶର ବାରଣାସୀରେ ମାତା "ବରାହୀ" ଦେବୀଙ୍କ ଶକ୍ତିପୀଠ ଅନ୍ୟତମ। ଧାର୍ମିକ ଗ୍ରନ୍ଥ ଅନୁସାରେ ଏଠାକାର ଯେଉଁ ସ୍ଥାନରେ ମାତା ସତୀଙ୍କର "ବରାହୀ"ଦେବୀଙ୍କ ଶକ୍ତିପୀଠ ରହିଛି, ସେଠାରେ ମାତା ସତୀଙ୍କର 'ତଳଦାନ୍ତ ଖଣ୍ଡ' ପଡ଼ିଥିଲା। ପଞ୍ଚସାଗର ଶକ୍ତିପୀଠରେ ସବୁ ପର୍ବପର୍ବାଣୀ ଆନନ୍ଦ-ଉଲ୍ଲାସର ସହ ପାଳିତ ହୁଏ। ବିଶେଷ କରି ଶିବରାତ୍ରୀ, ଦୁର୍ଗାପୂଜା ଓ ନବରାତ୍ର ଉତ୍ସବ ସମୟରେ ମାତାଙ୍କର ସ୍ୱତନ୍ତ୍ର ପୂଜା ଆୟୋଜନ ହୋଇଥାଏ। ପର୍ବ ଦିନ ମନ୍ଦିରକୁ ଫୁଲ ଓ ଆଲୋକ ମାଳାରେ ସଜାଯାଏ। ବର୍ଷର ସବୁ ସମୟରେ ମାତା "ବରାହୀ"ଦେବୀଙ୍କ ମନ୍ଦିରରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଗହଳି ଲାଗି ରହିଥାଏ। ଏଠାକାର ପୂଜାବିଧିର ପ୍ରତ୍ୟେକ କାର୍ଯ୍ୟକ୍ରମ ଖୁବ୍ ଆନନ୍ଦ ଦାୟକ ଓ ମନୋରମ।





Panchsagar Shakti Peeth, Uttar Pradesh

# ରାଜ୍ୟପାଳଙ୍କ ଭୂମିକା ନିର୍ବିବାଦୀୟ ହେଉ !

ରାଜ୍ୟପାଳ ପଦବୀକୁ ନେଇ ଆମ ଦେଶରେ ବିବାଦ କିଛି ନୂଆ କଥା ନୁହେଁ। ଦେଶ ସ୍ୱାଧୀନ ହେବା ପରଠାରୁ ରାଜ୍ୟପାଳଙ୍କ ଭୂମିକାକୁ ନେଇ ବିବାଦ ଲାଗି ରହିଛି। ଯେଉଁଠି ବିରୋଧିଦଳର ସରକାର ରହିଛି, ସେହି ରାଜ୍ୟରେ ରାଜ୍ୟପାଳ ଓ ରାଜ୍ୟ ସରକାରଙ୍କ ମଧ୍ୟରେ ବିବାଦ ମୁଣ୍ଡ ଟେକିଥାଏ, ବୋଧହୁଏ ଏଥିରେ କେହି ଦ୍ୱିମତ ହେବେ ନାହିଁ। ଏବେ କେରଳରେ ରାଜ୍ୟପାଳଙ୍କ ଭୂମିକାକୁ ନେଇ ବିବାଦ ଚରମ ସୀମାରେ ପହଁଚିଥିବାବେଳେ ହାଇକୋର୍ଟଙ୍କୁ ହସ୍ତକ୍ଷେପ କରିବାକୁ ପଡିଛି। କେରଳର ୯ଟି ବିଶ୍ୱବିଦ୍ୟାଳୟର କୁଳପତିଙ୍କୁ ରାଜ୍ୟପାଳ ଅରିଫ ମହମ୍ମଦ ଖାଁନ ବରଖାସ୍ତ କରିବା ପରେ ରାଜ୍ୟପାଳ- ରାଜ୍ୟ ସରକାର ମୁହାଁମୁହିଁ ହୋଇଛନ୍ତି। କହିବା ବାହୁଲ୍ୟ ଯେ, ରାଜ୍ୟପାଳ ହେଉଛନ୍ତି ବିଶ୍ୱବିଦ୍ୟାଳୟଗୁଡିକର କୁଳାଧିପତି। ସେ ବିଶ୍ୱବିଦ୍ୟାଳୟଗୁଡିକର କୁଳପତିଙ୍କୁ ରାଜ୍ୟ ସରକାରଙ୍କ ସୁପାରିଶକ୍ରମେ ନିଯୁକ୍ତି ଦେଇଥାନ୍ତି। ସେହିପରି ରାଜ୍ୟ ସରକାରଙ୍କ ସୁପାରିଶକ୍ରମେ କୁଳପତିମାନଙ୍କୁ ବହିଷ୍କାର କିମ୍ୱା କାର୍ଯ୍ୟରୁ ଅନ୍ତର କରିଥାନ୍ତି। କେରଳରେ ଏବେ ବାମପନ୍ଥୀ ସରକାର କ୍ଷମତାସୀନ ଥିବାବେଳେ ଶ୍ରୀ ଖାନ ହେଉଛନ୍ତି କେନ୍ଦ୍ରରେ କ୍ଷମତାସୀନ ବିଜେପି ସରକାରଙ୍କ ଦ୍ୱାରା ନିଯୁକ୍ତ ରାଜ୍ୟପାଳ। କେବଳ କୁଳାଧିପତିଙ୍କୁ ବରଖାସ୍ତ ନୁହେଁ, ବିଭିନ୍ନ ପ୍ରସଙ୍ଗକୁ ନେଇ ରାଜ୍ୟପାଳଙ୍କ ସହ ରାଜ୍ୟ ସରକାର ମୁହାଁମୁହିଁ ହୋଇଛନ୍ତି। ତେବେ ସର୍ବଶେଷ ବିବାଦ ହେଉଛି କୁଳାଧିପତିଙ୍କୁ ନେଇ। ରାଜ୍ୟରେ ବିଶ୍ୱବିଦ୍ୟାଳୟଗୁଡିକରେ ନୂତନ କୁଳପତି ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିବା ପାଇଁ ସମସ୍ତ ୯ଟି ବିଶ୍ୱବିଦ୍ୟାଳୟର କୁଳପତିଙ୍କୁ ଇସ୍ତଫା ଦେବା ପାଇଁ ରାଜ୍ୟପାଳ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟପାଳଙ୍କ ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ମୁଖ୍ୟମନ୍ତ୍ରୀ କେ. ବିଜୟନଙ୍କ ସରକାର ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ମାମଲାର ଚୂଡାନ୍ତ ଶୁଣାଣୀ ନହେବା ପର୍ଯ୍ୟନ୍ତ କୁଳପତିମାନେ ନିଜ ଦାୟିତ୍ୱରେ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ରାଜ୍ୟପାଳଙ୍କ କୁଳାଧିପତି ଭାବେ କୁଳପତି ନିଯୁକ୍ତି କ୍ଷମତା ରଦ୍ଦ ପାଇଁ ଏକ ବିଲ୍ ବିଧାନସଭାରେ ଗୃହିତ ହୋଇଥିବାବେଳେ ଏବେ ତାହା ରାଜ୍ୟପାଳଙ୍କ ସ୍ୱୀକୃତି ଅପେକ୍ଷାରେ ରହିଛି। ସୂଚିତ କରାଯାଇପାରେ ଯେ, ଅତୀତରେ ପଶ୍ଚିମବଙ୍ଗ ଓ ତାମିଲନାଡୁ ରାଜ୍ୟ ସରକାର ବିଧାନସଭାରେ ସ୍ୱତନ୍ତ୍ର ଆଇନ ପ୍ରଣୟନ କରି ରାଜ୍ୟପାଳଙ୍କ କୁଳପତି ନିଯୁକ୍ତି ନେଇ ରହିଥିବା ସ୍ୱତନ୍ତ୍ର କ୍ଷମତାକୁ ପ୍ରତ୍ୟାହାର କରି ନେଇଛନ୍ତି। ଏହା ସତ୍ୟ ଯେ, ପଶ୍ଚିମବଙ୍ଗର ପୂର୍ବତନ ରାଜ୍ୟପାଳ ଜଗଦୀପ ଧନକର ଏବଂ ତାମିଲନାଡୁର ରାଜ୍ୟପାଳ ଆର.ଏନ. ରବିଙ୍କ ସହ ରାଜ୍ୟ ସରକାରଙ୍କ ବିବାଦ କାହାରିକୁ ବୋଧହୁଏ ଅଛପା ନଥିବ। ପରିସ୍ଥିତି ଏପରି ହୋଇଥିଲା ଯେ, ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ଆକ୍ଷେପ ପ୍ରତିଆକ୍ଷେପ, କଥା କଟାକଟି, ପ୍ରତିଦିନ ଗଣମାଧ୍ୟମର ପ୍ରମୁଖ ଖବର ପାଲଟିଥିଲା। ଆହୁରି ମଧ୍ୟ ଅତୀତରେ ମହାରାଷ୍ଟ୍ର ଓ ପୁଡୁଚେରୀ ରାଜ୍ୟପାଳଙ୍କୁ ନେଇ ବିବାଦ ଚରମସୀମାରେ ପହଁଚିଥିଲା। ଶେଷରେ କେନ୍ଦ୍ର ସରକାର ପୁଡୁଚେରୀର ତତ୍କାଳୀନ ଉପ-ରାଜ୍ୟପାଳ କିରଣ ବେଦୀଙ୍କୁ ଅପସାରଣ କରିବାକୁ ବାଧ ହୋଇଥିଲେ। ଏବେ ଦିଲ୍ଲୀର ନିର୍ବାଚିତ ସରକାର ଏବଂ କେନ୍ଦ୍ର ସରକାରଙ୍କ ଦ୍ୱାରା ନିଯୁକ୍ତ ଉପ-ରାଜ୍ୟପାଳ ମଧ୍ୟରେ କ୍ଷମତାକୁ ନେଇ ବିବାଦ ଅଦାଲତରେ ପହଁଚିଛି। ଏହା ସତ୍ୟ ଯେ, 'ରାଜ୍ୟପାଳ' ହେଉଛନ୍ତି ଏକ ସାମ୍ବିଧାନିକ ପଦବୀ। ରାଜ୍ୟ ମନ୍ତ୍ରୀମଣ୍ଡଳର ପରାମର୍ଶକ୍ରମେ ରାଜ୍ୟପାଳ କାର୍ଯ୍ୟ କରନ୍ତି। ମାତ୍ର କେନ୍ଦ୍ରରେ କ୍ଷମତାସୀନ ଥିବା ସରକାରଙ୍କୁ ଖୁସି କରିବାକୁ ଯାଇ ରାଜ୍ୟପାଳମାନେ କାର୍ଯ୍ୟ କରିବା ଯୋଗୁଁ ବିବାଦ ଉପୁଜିବା ସ୍ୱାଭାବିକ। ଅତୀତରେ ମଧ୍ୟ ଏହି କାର୍ଯ୍ୟ କରିବା ଯୋଗୁଁ ବିବାଦ ଉପୁଜିବା ସ୍ୱାଭାବିକ। ଅତୀତରେ ମଧ୍ୟ ରାଜ୍ୟପାଳ ପଦବୀ ଉଚ୍ଛେଦ ନେଇ ଦାବି ଜୋର ଧରିଥିଲା। ଏବେ କ୍ଷମତାରେ ଥିବା ବିଜେପି ବିରୋଧିଦଳରେ ଥିବାବେଳେ ତତ୍କାଳୀନ ବିରୋଧିଦଳ ନେତା ଲାଲକୃଷ୍ଣ ଆଡଭାନୀ ରାଜ୍ୟପାଳ ପଦବୀ ଉଚ୍ଛେଦ ପାଇଁ ଦୃଢ ଦାବି କରିଥିଲେ। ଆହୁରି ମଧ୍ୟ ଏହା ନିଶ୍ଚିତ ଯେ, ରାଜ୍ୟପାଳ ପଦବୀ ଏବେ କେନ୍ଦ୍ରରେ କ୍ଷମତାସୀନ ଥିବା ସରକାରର ଏକ ଥଇଥାନ କେନ୍ଦ୍ରରେ ପରିଣତ ହୋଇଛି। ଯେଉଁଥିପାଇଁକି ଦିନକୁ ଦିନ ରାଜ୍ୟପାଳ ପଦବୀକୁ ନେଇ ବିବାଦ ଘନୀଭୂତ ହେବାରେ ଲାଗିଛି। ରାଜ୍ୟପାଳଙ୍କ ଭୂମିକା ନିର୍ବିବାଦୀୟ ହେବା ଜରୁରୀ। ରାଜ୍ୟର ତଥା ଜନସାଧାରଣଙ୍କର ହିତ, କଲ୍ୟାଣ ପାଇଁ ରାଜ୍ୟପାଳ-ରାଜ୍ୟ ସରକାର ପରସ୍ପର ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା ଉଚିତ। ଯାହା ଦ୍ୱାରା ସମ୍ବିଧାନର ନିର୍ଦ୍ଦେଶ, ପବିତ୍ରତା ଅକ୍ଷୁର୍ଣ୍ଣ ରହିବ। ରାଜ୍ୟ ସରକାର-ରାଜ୍ୟପାଳ ମଧ୍ୟରେ ହେଉଥିବା ବିବାଦ ସମ୍ବିଧାନ ପ୍ରତି ଅମର୍ଯ୍ୟାଦା ଏବଂ ଶୁଭଙ୍କର ନୁହେଁ, ଏହା ମନେରଖିବାକୁ ହେବ। ଅନ୍ୟଥା ରାଜ୍ୟପାଳ-ରାଜ୍ୟ ସରକାରଙ୍କ ବିବାଦରେ ନିରୀହ ଜନସାଧାରଣ ବଳି ପଡିବା ସାର ହେବ।

# ସ୍କାଉଟସ୍ ଏବଂ ଗାଇଡସ୍ ସଂଗଠନ ଦ୍ୱାରା ବେସିକ୍ ତାଲିମ ଶିବିର



ଭୁବନେଶ୍ୱର (ପିଏନ୍): ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ ସଂଗଠନ ଆନୁକୂଲ୍ୟରେ ବେସିକ୍ ତାଲିମ ଶିବିର କବ୍ ମାଷ୍ଟର ଏବଂ ରୋଭର ସ୍କାଉଟ ଲିଡର (ଉଚ୍ଚବିଦ୍ୟାଳୟ ଶିକ୍ଷକ)ମାନଙ୍କ ପାଇଁ ଏକାଦିକ୍ରମେ ଦୁଇଗୋଟି ତାଲିମ ଶିବିର ରାଜ୍ୟ ମୁଖ୍ୟାଳୟରେ ତା୨୭.୧୦.୨୦୨୨ରିଖଠାରୁ ଆରମ୍ଭ ହୋଇଅଛି। ଉକ୍ତ ଶିବିରରେ ଅନୁଗୁଳ, ବାଲେଶ୍ୱର, ଭଦ୍ରକ, ବଲାଙ୍ଗୀର, ଭୁବନେଶ୍ୱର, କଟକ, ଢ଼େଙ୍କାନାଳ, ଗଜପତି, ଗଞ୍ଜାମ, ଯାଜପୁର, ଜଗତସିଂହପୁର, କନ୍ଧମାଳ, କେନ୍ଦ୍ରାପଡା, କେଉଁଝର, କଳାହାଣ୍ଡି, ଖୋର୍ଦ୍ଧା, ମୟୁରଭଞ୍ଜ, ନୂଆପଡା, ନୟାଗଡ, ପୁରୀ, ରାୟଗଡା ଏବଂ ସୁବର୍ଣ୍ଣପୁର ଆଦି ଜିଲ୍ଲାରୁ ୫୮ ଜଣ କବ୍ ମାଷ୍ଟର ଏବଂ ୩୬ ଜଣ ରୋଭର ସ୍କାଉଟ ଲିଡର ତାଲିମ ନେବାପାଇଁ ଯୋଗଦାନ କରିଛନ୍ତି। ତା୨୭।୧୦।୨୨ରିଖ ଦିନ ରାଜ୍ୟ ମୁଖ୍ୟ କମିଶନର ଡଃ. କାଳିପ୍ରସାଦ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ସମ୍ପାଦକ ଶ୍ରୀଯୁକ୍ତ ଶରତ ଚନ୍ଦ୍ର ପାଇକରାୟ ଏବଂ ପ୍ରଶାସନିକ ଅଧିକାରୀ ଶ୍ରୀମତୀ ଅନାମିକା ଦାସ ଉକ୍ତ ତାଲିମ ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ତାଲିମ ନେବାକୁ ଆସିଥିବା ଶିକ୍ଷକ ମାନଙ୍କୁ ବିଦ୍ୟାଳୟରେ କବ୍ ଓ ରୋଭର ମାଧ୍ୟମରେ ଛାତ୍ରମାନଙ୍କୁ ଜଣେ ଜଣେ ଭଲ ସୁନାଗରିକ ଭାବେ ଗଢ଼ିତୋଳିବା ସହିତ ସେମାନଙ୍କୁ ରାଜ୍ୟ ପୁରସ୍କାର ପାଇବା ଲାଗି ଠିକ୍ ଭାବେ ତିଆରି କରିବାକୁ ପରାମର୍ଶ ଦେଇଥିଲେ। ଜାତୀୟ ଉପସଭାପତି ତଥା ରାଜ୍ୟ ମୁଖ୍ୟକମିଶନର ଡଃ. କାଳିପ୍ରସାଦ ମିଶ୍ର ଉଦ୍‌ଯାପନୀ ସନ୍ଧ୍ୟାରେ ଯୋଗଦେଇ ସମସ୍ତ ଶିବିରାର୍ଥୀମାନଙ୍କୁ ସମାଜ ଲାଗି କିଛି ଭଲ କରିବାର ସୁଯୋଗକୁ ଯେପରି ହାତଛଡା ନକରିବେ ସେଥିପାଇଁ ନିଜ ବକ୍ତବ୍ୟରେ କହିଥିଲେ । ସମସ୍ତ କବ୍ ମାଷ୍ଟର ଓ ରୋଭର ସ୍କାଉଟ ଲିଡରମାନଙ୍କୁ ମାନ୍ୟବର ମନ୍ତ୍ରୀ ଖାଦ୍ୟଯୋଗାଣ ଓ ସମବାୟ ତଥା ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍‌ର ସଭାପତି ଶ୍ରୀଯୁକ୍ତ ଅତନୁ ସବ୍ୟସାଚୀ ନାୟକ ସଂଗଠନକୁ ଆହୁରି ମଜବୁତ୍ କରୁଥିବାରୁ ସମସ୍ତ ଶିକ୍ଷକମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ଏଆଇଟିୟୁସିର ପ୍ରତିଷ୍ଠା ଦିବସ ଓ ଜିଲ୍ଲା ସମ୍ମିଳନୀ ସମ୍ପନ୍ନ




ଭୁବନେଶ୍ୱର (ପିଏନ୍): ଅଖିଳ ଭାରତ ଟ୍ରେଡ୍ ୟୁନିୟନ୍ କଂଗ୍ରେସର ଖୋର୍ଦ୍ଧା-ଭୁବନେଶ୍ୱର ଜିଲ୍ଲା କମିଟିର ନବମ ସମ୍ମିଳନୀ ଏ.ଆଇ.ଟି.ୟୁ.ସି. ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ରାଜ୍ୟ କାର୍ଯ୍ୟାଳୟର ରକ୍ତ ପତାକା ରାଜ୍ୟ ଉପସାଧାରଣ ସମ୍ପାଦକ ବିଜୟ ଜେନା ଉତ୍ତୋଳନ କରିଥିଲେ। ବିଦ୍ୟୁତ୍ କର୍ମଚାରୀ ନେତା ଆକୁଳି ନାଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜିଲ୍ଲା ସମ୍ପାଦକ ସୁର ଜେନା ସମ୍ପାଦକୀୟ ରିପୋର୍ଟ ଉପସ୍ଥାପିତ କରିଥିଲେ। ଏହି ସଭାରେ ବକ୍ତବ୍ୟ ରଖି ଉପସାଧାରଣ ସମ୍ପାଦକ ବିଜୟ ଜେନା କହିଥିଲେ ଯେ, ସ୍ୱାଧୀନତା ଅଗ୍ନିଗର୍ଭରୁ ଜନ୍ମ ହୋଇଥିବା ସଂଗଠନ ଗଠନଠାରୁ ଏପର୍ଯ୍ୟନ୍ତ ଦେଶର ମେହେନତୀ ମଣିଷର ସର୍ବନିମ୍ନ ଦାବି ନେଇ ସଂଗ୍ରାମ ଜାରିରଖିଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଶ୍ରମିକ ବିରୋଧୀ ନୀତି ବିରୋଧରେ ବ୍ୟାପକ ସଂଗ୍ରାମ ନିମନ୍ତେ ଶ୍ରୀ ଜେନା ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ୟାଙ୍କ କର୍ମଚାରୀ ନେତା ସଂଜୀବ ପତି, ଆଶାକର୍ମୀ ନେତ୍ରୀ ନମିତା ସାହୁ, ବସନ୍ତ ସେଠୀ, ଗଦାଧର ସାହୁ, ପଞ୍ଚାନନ ସାହୁ, ଶ୍ରୀକୃଷ୍ଣ ପଟ୍ଟନାୟକ ଏବଂ ସିପିଆଇ ଜିଲ୍ଲା ସମ୍ପାଦକ ଅମୀୟ ପଟ୍ଟନାୟକ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଆଗାମୀ ୩ ବର୍ଷ ନିମନ୍ତେ ଉପଦେଷ୍ଟା ଭାବେ ସଂଜୀବ ପତି, ସଭାପତି ଭାବେ ସୁର ଜେନା, ଉପସଭାପତି ଭାବେ ଆକୁଳି ନାଥ, ନମିତା ସାହୁ, ସମ୍ପାଦକ ଭାବେ ଶ୍ରୀକୃଷ୍ଣ ପଟ୍ଟନାୟକ, ସହ-ସମ୍ପାଦକ ବସନ୍ତ ସେଠୀ, ଶିବ ବେହେରା, କୋଷାଧ୍ୟକ୍ଷ ଭାବେ ରାଧାକାନ୍ତ ଶତପଥୀଙ୍କ ସମେତ ୨୦ ଜଣିଆ କମିଟି ଗଠନ କରାଯିବା ସହ ଆଗାମୀ ନଭେମ୍ବର ୧୧, ୧୨ ଓ ୧୩ ତିନିଦିନ ଧରି ରାଉରକେଲାଠାରେ ହେବାକୁ ଥିବା ତ୍ରୟୋଦଶ ରାଜ୍ୟ ସମ୍ମିଳନୀରେ ଜିଲ୍ଲାରୁ ୨୫ ଜଣ ସାଥୀ ଯୋଗଦେବେ ବୋଲି ଏକ ପ୍ରେସ୍ ବିବୃତ୍ତିରେ ଶ୍ରୀ ଜେନା ପ୍ରକାଶ କରିଛନ୍ତି।

# ବାଲେଶ୍ୱର ଜିଲ୍ଲା ଜୁନିଅର ମହିଳା ହକି ଦଳର ଭୁବନେଶ୍ୱର ଯାତ୍ରା

ବାଲେଶ୍ୱର (ପିଏନ୍)- ଓଡ଼ିଶା ଜୁନିଅର ମହିଳା ହକି ଚାମ୍ପିଅନସିପ୍-୨୦୨୨ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାପାଇଁ ଗତକାଲି ସକାଳ ୮ଟାରେ ବସ ଯୋଗେ ବାଲେଶ୍ୱର ଜିଲ୍ଲା ଜୁନିଅର ମହିଳା ହକି ଦଳ ଭୁବନେଶ୍ୱର ଯାତ୍ରା କରିଛି। କ୍ରୀଡ଼ା ଛାତ୍ରାବାସରୁ ବାହାରି ଏହି ଦଳ ବସ ଷ୍ଟାଣ୍ଡରେ ପହଞ୍ଚିବା ପରେ ସେଠାରେ ବାଲେଶ୍ୱର ସଦରର ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ସ୍ୱରୁପ କୁମାର ଦାସ କ୍ରୀଡ଼ାବିତ୍‌ମାନଙ୍କୁ ଆଶୀର୍ବାଦ ପୂର୍ବକ ସେମାନଙ୍କର ସଫଳତା କାମନା କରିଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତା ନଭେମ୍ବର ୧ ତାରିଖରୁ ୬ ତାରିଖ ପର୍ଯ୍ୟନ୍ତ ଚାଲିବ। ଜିଲ୍ଲା ହକି ସଂଘ ପ୍ରୋତ୍ସାହନ ତଥା କୋଚ୍ ଡ଼େଭିଡ ସୋରେଙ୍ଗ ଏବଂ ଲିପିପୁଷ୍ପା ବେହେରାଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବାଲେଶ୍ୱରର ଏକ ୧୫ ଜଣିଆ ଜୁନିଅର ମହିଳା ହକି ଦଳ ବାଲେଶ୍ୱରବାସୀଙ୍କ ଶୁଭେଚ୍ଛା ନେଇ ଭୁବନେଶ୍ୱର ଯାତ୍ରା କରିଛି। ପ୍ରକାଶ ଥାଉକି ବାଲେଶ୍ୱର ଜିଲ୍ଲାର ମାନନୀୟ ଜିଲ୍ଲାପାଳ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ସିନ୍ଧେ କ୍ରୀଡ଼ା ଛାତ୍ରାବାସର ପରିଦର୍ଶନ କରି ଏହି ହକି ଖେଳାଳୀଙ୍କ ସହ ଆଲୋଚନା କରିଥିଲେ ଏବଂ ସେମାନଙ୍କର ରାଜ୍ୟସ୍ତରୀୟ ପ୍ରତିଯୋଗିତା ନିମନ୍ତେ ଶୁଭ ମନାସିଥିଲେ। ସେମାନଙ୍କର କ୍ରୀଡ଼ା ଛାତ୍ରାବାସ ରହଣୀଠାରୁ ଭୁବନେଶ୍ୱର ଯାତ୍ରା ପର୍ଯ୍ୟନ୍ତ ସମସ୍ତ ଆବଶ୍ୟକତାର ବ୍ୟବସ୍ଥା କରିଥିଲେ। ଜିଲ୍ଲା କ୍ରୀଡ଼ା ଅଧିକାରୀ ଶ୍ରୀ ପୂର୍ଣ୍ଣଚନ୍ଦ୍ର ଜେନା ଉପସ୍ଥିତ ରହି ଉତ୍ସାହିତ କରିଥିଲେ। କ୍ରୀଡ଼ାବିତ୍‌ମାନେ ହେଲେ ପ୍ରଣବୀ ଦାସ, ସ୍ୱାରକୀ ଗୋଚ୍ଛାୟତ, ସୁଷମା ମାଝୀ, ଲକ୍ଷ୍ମୀ ସିଂ, ତପସ୍ୱିନୀ ଦାସ, ରୋଜାଲିନ ସେଠୀ, ସତ୍ୟସ୍ୱରୁପ ଦାସ, ପୂର୍ଣ୍ଣିମା ମଣ୍ଡଳ, ରବି ବାର, ତନୁଶ୍ରୀ ମହାରଣା, ଦୀପିକା ନାୟକ, ବିଶ୍ୱଜୟୀ ସିଂ, ନମିତା ନାୟକ।

# ସମାଜସେବୀଙ୍କ ଅକାଳ ବିୟୋଗ



ଯାଜପୁର (ପିଏନ୍): ଯାଜପୁରର ବିଶିଷ୍ଟ ସମାଜସେବୀ ବିପିନ ବିହାରୀ ନାୟକଙ୍କର ଆକସ୍ମିକ ଭାବେ ତାଙ୍କ ଗ୍ରାମ ଜଗତପୁରଠାରେ ସାଇକେଲ ଯୋଗେ ଘରକୁ ଆସୁଥିବା ବେଳେ ଟ୍ରମ୍ପର ଧକ୍କାରେ ମୃତ୍ୟୁ ଘଟିଛି। ତାଙ୍କ ଅକାଳ ବିୟୋଗରେ ଯାଜପୁର ବିଧାୟକ ତଥା ବିଜେଡ଼ି ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ଯାଜପୁର ପୌରପାଳିକାର ଅଧ୍ୟକ୍ଷ ରଞ୍ଜୁଲତା ହୋତା, ଅଶୋକ ଦାସ, ଫାଉଣ୍ଡେସନ ସଚିବ ଭବପ୍ରସାଦ ଦାସ, ପୁତୁରା ଦେବେନ୍ଦ୍ର ନାୟକ, ଧର୍ମେନ୍ଦ୍ର ନାୟକ, ନାତି ସାମ୍ବାଦିକ ହରିହର ସ୍ୱାଇଁ, ଭରତ ନାୟକ, ଯାଜପୁର ବ୍ଲକ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଆର୍ତ୍ତତ୍ରାଣ ନାୟକଙ୍କ ସମତେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ପୈତୃକ ଗ୍ରାମ ବେରୁଦା ପଞ୍ଚାୟତ ଅନ୍ତର୍ଗତ ଜଗପୁର ଗ୍ରାମରେ ପହଞ୍ଚି ଶେଷଦର୍ଶନ କରିଥିଲେ ଓ ଶୋକବାର୍ତ୍ତା ଦେଇଥିଲେ। ସେ ଜଣେ ମେଳାପୀ, ପରୋପକାରୀ, ସମାଜସେବୀ ଭାବେ ତାଙ୍କର ବେଶ ସୁନାମ ରହିଛି। ତାଙ୍କର ବଡ଼ ପୁଅ ବିଶ୍ୱରଂଜନ ନାୟକ ମୁଖାଗ୍ନି ଦେଇଥିଲେ। ତାଙ୍କ ମରଶରୀର ପାଖରେ ଦୁଇ ପୁଅ, ବୋହୂ, ଝିଅ, ଜ୍ୱାଇଁଙ୍କ ସମେତ ହଜାର ହଜାର ଲୋକ ଉପସ୍ଥିତ ଥିଲେ।

# ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତାରେ ମିନି ମାରାଥନ ଆୟୋଜିତ

ବାଲେଶ୍ୱର (ପିଏନ୍)- ଦୁର୍ନୀତି ନିବାରଣ ସଚେତନତା ସପ୍ତାହ-୨୦୨୨ ସମାରୋହ ଗତ ଅକ୍ଟୋବର ୩୧ ତାରିଖରୁ ଆସନ୍ତା ନଭେମ୍ବର ୬ ତାରିଖ ପର୍ଯ୍ୟନ୍ତ ପାଳନ ହେଉଅଛି। ଏହି ଅବସରରେ ଗତକାଲି ଜିଲ୍ଲାସ୍ତରରେ ଏକ ଦୁର୍ନୀତି ନିବାରଣ ସଚେତନତା ମିନି ମାରାଥନ ବାଲେଶ୍ୱର ଜିଲ୍ଲା ପ୍ରଶାସନ ତରଫରୁ ଆୟୋଜିତ ହୋଇଯାଇଛି। ବାଲେଶ୍ୱର ଜିଲ୍ଲା ପ୍ରଶାସନ ତରଫରୁ ଆୟୋଜିତ ଏହି ମିନି ମାରାଥନ ଗତକାଲି ସକାଳ ୭ ଘଟିକାରେ ରେମୁଣା ଗୋଲେଇଠାରୁ କଲେକ୍ଟୋରେଟ ପର୍ଯ୍ୟନ୍ତ୍ ଦୌଡ଼ାଯାଇଥିଲା ଯାହାର ଦୂରତା ଥିଲା ଆପାତତଃ ୫ କିଲୋମିଟର। ଏହି ମାରାଥନ ଦୌଡ଼ବେଳେ ସ୍ଥାନୀୟ ପୁଲିସ ଏହାକୁ ଶୃଙ୍ଖଳିତ ଓ ସୁରକ୍ଷିତ କରିଥିବା ବେଳେ ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ଏହାର ହେପାଜତ କରିଥିଲେ। ଦୌଡ଼ ସହ ଦୁର୍ନୀତି ନିବାରଣ ସଚେତନତା ଉପରେ ଡାକବାଜି ଯନ୍ତ୍ର ମାଧ୍ୟମରେ ବିଭିନ୍ନ ସ୍ଲୋଗାନମାନ ଦିଆଯାଇଥିଲା। ଏହି ମାରାଥନ ସହ ଆୟୋଜନରେ ସହଯୋଗୀ ହୋଇଥିଲେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଭବାନୀଶଙ୍କର ଭୂୟାଁ, ପୂର୍ଣ୍ଣଚନ୍ଦ୍ର ମାଝୀ ତଥା ଦୁର୍ନୀତି ନିବାରଣ ବିଭାଗର ଅଧିକାରୀ ଓ କର୍ମଚାରୀବୃନ୍ଦ। ଏହି ମାରାଥନ୍ ଦୌଡ଼ଟି ସୂଚାରୁରୂପେ ବ୍ୟବସ୍ଥିତ କଲେକ୍ଟୋରେଟ ପରିସରରେ ସମାପନ ହୋଇଥିଲା। ପ୍ରକାଶ ଥାଉକି ଜିଲ୍ଲା ପ୍ରଶାସନ ଓ ଦୁର୍ନୀତି ନିବାରଣ ବିଭାଗ ମିଳିତ ଆନୁକୂଲ୍ୟରେ ପାଳନ କରାଯାଉଥିବା ଦୁର୍ନୀତି ନିବାରଣ ସଚେତନତା ସପ୍ତାହ-୨୦୨୨ ସମାରୋହରେ କରାଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମର ଏହା ଏକ ଅଂଶବିଶେଷ ଅଟେ।

# ମହେଶ ହତ୍ୟା ମାମଲା, ମୁଖ୍ୟ ଅଭିଯୁକ୍ତକୁ ଆଜୀବନ କାରାଦଣ୍ଡ

ବାଲେଶ୍ୱର (ପିଏନ୍)-ସୁଏଲପୁର କାହ୍ନୁ ଓରଫ ମହେଶ ମାଝୀ ହତ୍ୟା ମାମଲାରେ ବିଚାର କରି ଅତିରିକ୍ତ ଜିଲ୍ଲା ଦୌରା ଜଜ୍ ସଞ୍ଜୀବ ରଞ୍ଜନ ସାମନ୍ତ ମୁଖ୍ୟ ଅଭିଯୁକ୍ତ ବୁକୁନି ଓରଫ ଖାରବେଳ ମାଝୀକୁ ଆଜୀବନ କାରାଦଣ୍ଡାଦେଶ ଦେଇଛନ୍ତି। ଜରିମାନା ଅର୍ଥ ଅନାଦେୟ ଅଭିଯୁକ୍ତ ଅଧିକ ଦୁଇବର୍ଷ ଜେଲଦଣ୍ଡ ଭୋଗିବେ ବୋଲି ରାୟରେ ପ୍ରକାଶ କରିଛନ୍ତି। ଏହି ମାମଲାରେ ଅନ୍ୟ ତିନିଜଣ ଅଭିଯୁକ୍ତଙ୍କୁ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ସୂଚନା ଥାଉକି ୨୦୧୬ ମସିହା ଅକ୍ଟୋବର ୨୩ ତାରିଖ ଭୋର ସମୟରେ ଟାଉନ ଥାନା ଅନ୍ତର୍ଗତ ସୁଏଲପୁର କୈବର୍ତ୍ତ ସାହି ରବୟା ମାଝୀଙ୍କର ଗୃହମଧ୍ୟରେ ମୁଖ୍ୟ ଅଭିଯୁକ୍ତ ବୁକୁନି ଓରଫ ଖାରବେଳ ମାଝୀ ଓ ତାଙ୍କର ସହଯୋଗୀ ହାତରେ ମାରଣାସ୍ତ୍ର ଧରି ପଶି ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ କାହ୍ନୁ ଓରଫ ମହେଶଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ମହଶଙ୍କ ମା' ବାସନ୍ତୀ ମାଝୀ, ଭାଇ ରାଜେଶ ମାଝୀ, ଦାଦା ନରେନ୍ଦ୍ର ମାଝୀ ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଏ ସମ୍ପର୍କରେ ଟାଉନ ଥାନାରେ ମାମଲା ରୁଜୁ ହୋଇ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୩ ଜଣଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତେବେ ଏହି ମାମଲାରେ ୩ ଜଣ ବେଲ୍ ପାଇଥିବା ବେଳେ ମୁଖ୍ୟ ଅଭିଯୁକ୍ତ ବୁକୁନୀ ଓରଫ ମହେଶ ମାଝୀ ବିଚାର ବିଭାଗୀୟ ହାଜତରେ ରହିଛି।




## ଫ୍ୟୁଚର ଜେନେରାଲି ଇଣ୍ଡିଆ ଇନସ୍ୟୁରାନ୍ସ ଶୁଭାରମ୍ଭ କଲା 'ଟୋଟାଲ ହେଲ୍ଥ ସ୍କୋର'

ଭୁବନେଶ୍ୱର, (ପିଏନ): ଭାରତରେ ମାନସିକ ସ୍ୱାସ୍ଥ୍ୟଗତ ସମସ୍ୟା ଅଧିକ ପରିଲକ୍ଷିତ ହେଉଥିବା, ବିଶେଷକରି ସାମ୍ପ୍ରତିକ ମହାମାରୀ ସମୟରେ ଏହା ଅଧିକ ଉଗ୍ରରୂପ ଧାରଣ କରିଥିବା ବିଷୟକୁ ଦୃଷ୍ଟିରେ ରଖି ଫ୍ୟୁଚର ଜେନେରାଲି ଇଣ୍ଡିଆ ଇନସ୍ୟୁରାନ୍ସ କମ୍ପାନୀ ଲିମିଟେଡ (ଏଫ୍‌ଜିଆଇଆଇ) ଏକ ଅନ୍‌ଲାଇନ ମାନସିକ ସ୍ୱାସ୍ଥ୍ୟ ଆକଳନ ପରୀକ୍ଷା – ଟୋଟାଲ ହେଲ୍ଥ ସ୍କୋର ଶୁଭାରମ୍ଭ କରିଛି। ଏହି ଅନନ୍ୟ ସ୍ୱ-ଆକଳନ ବ୍ୟବସ୍ଥା ଜଣେ ବ୍ୟକ୍ତିବିଶେଷଙ୍କୁ ତାଙ୍କର ମାନସିକ ସୁସ୍ଥତା ଆକଳନ କରିବାକୁ ସମର୍ଥ କରାଇବ। ଏଫ୍‌ଜିଆଇଆଇ ପ୍ରତ୍ୟେକଙ୍କୁ ସେମାନଙ୍କର ମାନସିକ ସ୍ୱାସ୍ଥ୍ୟଗତ ବିଷୟକୁ ଗୁରୁତ୍ୱର ସହିତ ବିବେଚନା କରିବାକୁ ପ୍ରୋତ୍ସାହିତ କରୁଛି ଏବଂ ଜଣଙ୍କର ଶାରୀରିକ ସ୍ୱାସ୍ଥ୍ୟଭଳି ଭିତରେ ସୁସ୍ଥ ରହିବାକୁ ହେଲେ ମାନସିକ ସ୍ୱାସ୍ଥ୍ୟ ଠିକ୍ ରଖିବା ଉପରେ ଗୁରୁତ୍ୱ ଦେଉଛି। ଟୋଟାଲ ହେଲ୍ଥ ସ୍କୋର ଏକ ପ୍ରଶ୍ନାବଳୀ ଏବଂ ଏପିଆଇ ଭିତ୍ତିକ ଆକଳନ ଯାହା ମାନସିକ ସ୍ୱାସ୍ଥ୍ୟଗତ ସମସ୍ୟାର ଆଦ୍ୟ ଉପସର୍ଗଗୁଡ଼ିକୁ ବୁଝିପାରୁଥିବା କାର୍ଯ୍ୟରତ ଚିକିତ୍ସକ ଏବଂ ପରାମର୍ଶଦାତାମାନଙ୍କ ଦ୍ୱାରା ଡିଜାଇନ କରାଯାଇଛି।

## 'କାଗଜ ଗୁଡି'ର ଶୁଭମହୁରତ୍

ଭୁବନଶ୍ୱେର,(ପିଏନ): ସୁମିତ୍ରା ଏଂଟରଟେନ୍‌ମେଂଟ୍ ନିବେଦିତ ଓଡିଆ ଚଳଚ୍ଚିତ୍ର 'ମନ ମୋର କାଗଜଗୁଡି'ର ମହୁରତ ହୋଇଯାଇଛି। ନିକୋପାର୍କ ନିକଟସ୍ଥ ସୁନାଦେଇ ମନ୍ଦିରରେ ଆୟୋଜିତ ଏହି ମହୁରତ ଉତ୍ସବରେ ମାନ୍ୟବର ଭୁବନେଶ୍ୱର
ମଧ୍ୟ ବିଧାୟକ ଶ୍ରୀ ଅନନ୍ତ ନାରାୟଣ ଜେନା ମହୁରତ କ୍ଲାପ ଦେଇ ଚଳଚ୍ଚିତ୍ରର ଆନୁଷ୍ଠାନିକ ଭାବେ ଶୁଭାରମ୍ଭ ସହିତ ଟାଇଟଲ୍ ଉନ୍ମୋଚିତ କରିଥିଲେ। ରାକେଶ ଓ ଭୂମିକାଙ୍କ ଅଭିନୀତ ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଉଛନ୍ତି ଡିରେକ୍ଟର ଦେବଜ୍ୟୋତି ପାତ୍ର (ଦୀପୁ)। ଯଦିଓ ନିର୍ଦ୍ଦେଶକ ଭାବେ ଏହା ତାଙ୍କର ପ୍ରଥମ ସିନେମା ହେବ ତେବେ ଷାଠିଏରୁ ଉର୍ଦ୍ଧ୍ୱ ସିନେମାର ସେ ଚିଫ୍ ଏସୋସିଏଟ୍ ଡିରେକ୍ଟର ଭାବେ କାମ କରିସାରିଛନ୍ତି। ନାୟକ ନାୟିକା ଭାବେ ନଜର ଆସିବେ ୟଙ୍ଗ୍ ସେନ୍‌ସେସନ ରାକେଶ ଓ ଭୂମିକା। ରାକେଶ ଓ ଭୂମିକା ଯୋଡିର ଏହା ପ୍ରଥମ ଚଳଚ୍ଚିତ୍ର। ଅନ୍ୟାନ୍ୟ ଭୂମିକାରେ ପ୍ରୀତିରାଜ ଶତପଥୀ, ଐଶ୍ୱର୍ଯ୍ୟା ବେହେରା, ମମତା ଦାଶ, ବୀରେନ୍ ମିଶ୍ର, ଗୁଡୁ, ଜ୍ଞାନ ପ୍ରମୁଖଙ୍କୁ ଦେଖିବାକୁ ମିଳିବ। ଯୁବ ଉଦ୍ୟୋଗୀ ଶିବିର ପରିଡା ଓ ଲକ୍ଷ୍ମୀପ୍ରିୟା ପରିଡାଙ୍କ ପ୍ରଯୋଜନାରେ ନିର୍ମିତ 'ମନ ମୋର କାଗଜ ଗୁଡି'ର ସହ ପ୍ରଯୋଜକ ଅଛନ୍ତି ବିବେକାନନ୍ଦ ବାରିକ ଓ ପାର୍ବତୀ ବାରିକ। ସଙ୍ଗୀତ ଦେଇଛନ୍ତି ଜାପାନୀ ଭାଇ। ଗୀତରଚନା କରିଛନ୍ତି ବସନ୍ତରାଜ ସାମଲ ଓ ସୁବ୍ରତ ସ୍ୱାଇଁ। ଦିବ୍ୟସିଂହ ରାୟଙ୍କ ରଚିତ କାହାଣୀରେ ସଂଳାପ ଦେଇଛନ୍ତି ମାନସ ପଢିଆରୀ। ସୋମିଓ ସିନେମାଟୋଗ୍ରାଫର ଥିବାବେଳେ ମୁଖ୍ୟ ସହକାରୀ ନିର୍ଦ୍ଦେଶକ ଓ ସହକାରୀ ନିର୍ଦ୍ଦେଶକ ଅଛନ୍ତି ସ୍ୱାଗତ ପାତ୍ର ଏବଂ ଜୁନିୟର ସିଦ୍ଧାନ୍ତ। ମେକ୍ ଅପ୍‌ରେ ରାଜୁ, କେଶବିନ୍ୟାସରେ ତୁଳସୀ ଓ କଳାରେ ନବଘନ ଦଳେଇ ଥିବାବେଳେ ବ୍ୟବସ୍ଥାପନାରେ ଅଛନ୍ତି ସର୍ବେଶ୍ୱର ସୂତାର। ଚଳଚ୍ଚିତ୍ରର ପ୍ରଚାର ଓ ପ୍ରସାର ଦାୟିତ୍ୱ ବହନ କରିଛନ୍ତି 'ବେଷ୍ଟ ଆଇଡିଆଜ୍'। 'ମନ ମୋର କାଗଜ ଗୁଡି' ଶୀର୍ଷକରେ ନିର୍ମିତ ଏହି ଚଳଚ୍ଚିତ୍ରର କାହାଣୀ ସମ୍ପୂର୍ଣ୍ଣ ଭିନ୍ନ ଧରଣର। ଓଡିଆ ଚଳଚ୍ଚିତ୍ରର ଶୀର୍ଷକରେ ଇଂରାଜୀ ଓ ହିନ୍ଦୀ ଶବ୍ଦର ବ୍ୟବହାରକୁ ନେଇ ଦର୍ଶକ ଓ ସମାଲୋଚକମାନେ ପ୍ରଶ୍ନ ଉଠାଇ ଆସିଛନ୍ତି। ସେ ଦୃଷ୍ଟିରୁ ଏହାର ଶୀର୍ଷକ ନିଆରା। ଏହା ଏମିତି ଏକ ଶୀର୍ଷକ ଯେଉଁଥିରେ ଓଡିଆତ୍ୱ ରହିଛି, ରହିଛି ଆପଣାପଣ। ଯେମିତି ମିଠା ସେମିତି ମନଛୁଆଁ। ଶୀର୍ଷକରୁ ହିଁ ଦର୍ଶକ ଅନୁମାନ କରିପାରିବେ ଯେ ଏହା ଏକ ମୌଳିକ କାହାଣୀ। କୌଣସି ସିନେମାର କପି ନୁହେଁ କି ଏଥିରେ କୌଣସି ସିନେମାର ଛାପ ନାହିଁ। ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସାମ୍ପ୍ରତିକ ସମସ୍ୟା ଉପରେ ଏହା ଆଧାରିତ। ବିଭିନ୍ନ ପ୍ରକାର ଚାପର ଶିକାର ହୋଇ ଯୁବ ପିଢି କିପରି ଅବାଟରେ ପାଦ ରଖୁଛନ୍ତି ଓ ନିଶା କବଳରେ କବଳିତ ହେଉଛନ୍ତି, ତାର ନଜିର ରହିଛି ଏଥିରେ। ବାଟବଣା ଯୁବ ବର୍ଗଙ୍କୁ ବାଟକୁ ଆଣିବାକୁ ସୁମିତ୍ରା ଏଂଟରଟେନ୍ ମେଂଟ୍‌ର ଏ ପ୍ରୟାସ। କାହାଣୀରେ ମନୋରଞ୍ଜନର ଭରପୂର ମସଲା ରହିଛି। ସବୁ ବର୍ଗର ଦର୍ଶକଙ୍କୁ ଏହା ପସନ୍ଦ ଆସିବ। ଏହା ଏକ ବ୍ୟୟବହୁଳ ଛବି ହୋଇଥିବା ବେଳେ ଗୀତଗୁଡିକ
ବାହାର ଲୋକେସନରେ ସୁଟିଂ କରାଯିବାର ଯୋଜନା ରହିଛି। ସିନେମା ପାଇଁ କେବଳ ସିନେମା ନୁହେଁ। କରୋନା ଯୋଗୁ ଠପ୍ ହୋଇଯାଇଛି ସିନେମା ଶିଳ୍ପ। କଳାକାର ଓ ଟେକ୍ନିସିଆନଙ୍କ ହାତରେ ପ୍ରାୟତଃ କାମ ନାହିଁ। ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି ସମସ୍ତେ। ଏଣୁ ସୁମିତ୍ରା ଏଂଟରଟେନ୍‌ମେଂଟ୍ ପକ୍ଷରୁ କଳାକାର ଓ ଟେକ୍ନିସିଆନ୍‌ମାନଙ୍କୁ କାମ ଯୋଗାଇଦେବା ଉଦ୍ଦେଶ୍ୟ ନେଇ ଏହି ଚଳଚ୍ଚିତ୍ରର ଯୋଜନା କରାଯାଇଛି ବୋଲି ସ୍ପଷ୍ଟ କରିଛନ୍ତି ପ୍ରଯୋଜକ ଶିବିର କୁମାର ପରିଡା। ମହୁରତ ଉତ୍ସବରେ ଏହାର ସମସ୍ତ କଳାକାର ଓ ଟେକ୍ନିସିଆନଙ୍କ ସମେତ ଓଲିଉଡର ସହ ସମ୍ପୃକ୍ତ ବହୁ ନାମୀଦାମୀ ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ। ନଭେମ୍ବର ୧୩ ତାରିଖରେ 'ମନମୋର କାଗଜଗୁଡି' ଫ୍ଲୋରକୁ ଆସିବ ବୋଲି ସୂଚନା ରହିଛି।

## ଶ୍ରମିକ ବିରୋଧି ବି.ଜେ.ପି ଓ ବି.ଜେ.ଡ଼ି ପ୍ରାର୍ଥୀଙ୍କୁ ହରାଇବା ପାଇଁ ଶ୍ରମିକ କର୍ମଚାରୀ ବଦ୍ଧ ପରିକର




ଭୁବନେଶ୍ୱର,୨୭।୧୦(ପି.ଏନ): କେନ୍ଦ୍ରରେ ବି.ଜେ.ପି ସରକାର ଏବଂ ରାଜ୍ୟରେ ବି.ଜେ.ଡ଼ି ସରକାର କୃଷକ କର୍ମଚାରୀ ବିରୋଧି ହୋଇଥିବାରୁ ଆଗାମୀ ବାଲେଶ୍ୱର ଓ ତ୍ରିତୋଲ ବିଧାନସଭା ଉପନିର୍ବାଚନରେ ବି.ଜେ.ପି ଓ ବି.ଜେ.ଡ଼ି ପ୍ରାର୍ଥୀଙ୍କୁ ହରାଇ କଂଗ୍ରେସ ଦଳର ପ୍ରାର୍ଥୀ ମମତା କୁଣ୍ଡୁ ଓ ଜଗତସିଂହପୁର ପ୍ରାର୍ଥୀ ହିମାଂଶୁ ମଲ୍ଲିକଙ୍କୁ ଜିତାଇବା ପାଇଁ ଗତ ତା. ୨୨.୧୦.୨୦୨୦ ରିଖରେ ବାଲେଶ୍ୱର ଦୁର୍ଗା ଗାର୍ଡେନ ଠାରେ ଜାତୀୟ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଜାତୀୟ ଉପସଭାପତି, ଓଡ଼ିଶା ଶାଖାର ସଭାପତି ତଥା ପ୍ରାକ୍ତନ ସାଂସଦ ଡକ୍ଟର ରାମଚନ୍ଦ୍ର ଖୁଂଟିଆଙ୍କ ପୌରାହିତରେ ଅନୁଷ୍ଠିତ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଆଂଚଳିକ ସମ୍ମିଳନୀରେ ନିଷ୍ପତି ନିଆଯାଇଛି। ଏହି ସମ୍ମିଳନୀରେ ଏ.ଆଇ.ଟି.ୟୁ.ସି., ସି.ଆଇ.ଟି.ୟୁ.,ଏଚ.ଏମ୍.ଏସ୍. ଏ.ଆଇ.ସି.ସି.ଟି.ୟୁ ପ୍ରଭୃତି ସମସ୍ତ କେନ୍ଦ୍ରୀୟ ଶ୍ରମିକ ସଂଗଠନକୁ ଶ୍ରମିକ କର୍ମଚାରୀ ବିରୋଧି ବି.ଜେ.ପି. ଓ ବି.ଜେ.ଡ଼ି ପ୍ରାର୍ଥୀଙ୍କୁ ହରାଇ କଂଗ୍ରେସ ଦଳର ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ନିବେଦନ କରାଯାଇଛି। ଏହି ସମ୍ମିଳନୀକୁ ବିଧିବଧ ଭାବେ ଉଦ୍‌ଘାଟନ କରି ଅଖିଳ ଭାରତ କଂଗ୍ରେସ କମିଟିର ସାଧାରଣ ସଂପାଦକ ତଥା ସାଂସଦ ଡକ୍ଟର ଏ. ଚେଲ୍ଲା କୁମାର କହିଥିଲେ ଯେ, ରାଷ୍ଟ୍ରୀୟ ମଜଦୁର କଂଗ୍ରେସ କେବଳ ଭାରତ ନୁହେଁ ସାରା ପୃଥିବୀରେ ବୃହତମ ଶ୍ରମିକ ସଂଗଠନ। ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଭାରତ ବର୍ଷରେ ପ୍ରଣିତ ସମସ୍ତ ଶ୍ରମ ଆଇନ ଗୁଡ଼ିକୁ ପ୍ରଣୟନ କରିବା ପାଇଁ ମୁଖ୍ୟ ଭୂମିକା ନେଇଥିଲେ। ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ରାଜନୈତିକ ଦୃଷ୍ଟି କୋଣରୁ କଂଗ୍ରେସକୁ ସମର୍ଥନ କରୁଥିଲେ ହେଁ ଶ୍ରମିକ କର୍ମଚାରୀଙ୍କ ସ୍ୱାର୍ଥ ପାଇଁ କଂଗ୍ରେସ ସରକାରଙ୍କ କାର୍ଯ୍ୟକୁ କେବେ ପ୍ରତିବାଦ କରିବା ପାଇଁ ପଛାଇ ନାହିଁ। ଏଣୁ ଏହି ପରିପ୍ରେକ୍ଷୀରେ ଶ୍ରମିକ କର୍ମଚାରୀ ଓ ଚାଷୀ ବିରୋଧି ମୋଦୀ ଓ ନବୀନ ପଟ୍ଟନାୟକଙ୍କ ପ୍ରାର୍ଥୀଙ୍କୁ ବାଲେଶ୍ୱର ଓ ତ୍ରିତୋଲରୁ ହରାଇ କଂଗ୍ରେସ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ନିବେଦନ କରିଥିଲେ। ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ଶ୍ରୀଯୁକ୍ତ ନିରଞ୍ଜନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବରେ ଏହି ସଭାରେ ଉଦ୍‌ବୋଧନ ଦେଇ କହିଥିଲେ ଯେ, ବାଲେଶ୍ୱରର ସମସ୍ତ ଉନ୍ନୟନ କାର୍ଯ୍ୟ ଓ କଳକାରଖାନା କେବଳ କଂଗ୍ରେସ ସମୟରେ ହିଁ ହୋଇଛି। ଅନ୍ୟ କୌଣସି ଦଳର ବାଲେଶ୍ୱର ସହରର ଉନ୍ନୟନ ପାଇଁ କିଛି ଅବଦାନ ନାହିଁ ଏବଂ କଂଗ୍ରେସ ପ୍ରାର୍ଥୀ ମମତା କୁଣ୍ଡୁ ଜଣେ ଦକ୍ଷ ନାରୀ ନେତ୍ରୀ, ତେଣୁ ତାଙ୍କୁ ବିପୁଳ ଭୋଟ ଦେଇ ଜୟଯୁକ୍ତ କରିବା ପାଇଁ ନିବେଦନ କରିଥିଲେ। ରାଜ୍ୟ ବିଧାନ ସଭା ଶ୍ରୀ ତାରା ବାହିନୀ ପତି, ବିଧାୟକ, ଶ୍ରୀ ସପ୍ତଗିରି ଉଲ୍ଲାକା, କୋରାପୁଟ ସାଂସଦ, ଶ୍ରୀଯୁକ୍ତ ପ୍ରଦୀପ ମାଝୀ, ପ୍ରାକ୍ତନ ସାଂସଦ ତଥା ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର କାର୍ଯ୍ୟକାରୀ ସଭାପତି ଓ ସୁଦର୍ଶନ ଦାସ ପ୍ରମୁଖ ଏହି ସଭାରେ ଉଦ୍‌ବୋଧନ ଦେଇ କଂଗ୍ରେସ ପ୍ରାର୍ଥୀନୀ ଶ୍ରୀମତୀ ମମତା କୁଣ୍ଡୁଙ୍କୁ ଜୟଯୁକ୍ତ କରିବା ପାଇଁ ନିବେଦନ କରିଥିଲେ। କଂଗ୍ରେସ ପ୍ରାର୍ଥୀନୀ ଶ୍ରୀମତୀ ମମତା କୁଣ୍ଡୁ ଏହି ସଭାରେ ଉଦ୍‌ବୋଧନ ଦେଇ ବାଲେଶ୍ୱର ସହରର ସମସ୍ତ କାର୍ଯ୍ୟ କରିବା ସଂଗେ ସଂଗେ ବି.ଜେ.ଡ଼ି ଓ ବି.ଜେ.ପି ସରକାର ବାଲେଶ୍ୱର ଅଧିବାସୀଙ୍କ ଆଶା ଆକାକ୍ଷା ପୂର୍ଣ୍ଣ କରିବା ପାଇଁ ସଂପୂର୍ଣ୍ଣ ବିଫଳ ହୋଇଥିବାରୁ ୩ ବର୍ଷ ତାଙ୍କୁ ସୁଯୋଗ ଦେବା ପାଇଁ ବିନମ୍ର ନିବେଦନ କରିଥିଲେ। ଡକ୍ଟର ଖୁଂଟିଆ, ପୂର୍ବତନ ସାଂସଦ ଏହି ସଭାରେ ପୌରାହିତ କରି ବାଲେଶ୍ୱର ଜିଲ୍ଲା ସଦର ମହକୁମା ମେଡ଼ିକାଲ କଲେଜ ଏବଂ ଇକ୍ଷକ୍ଷଗଞ୍ଜ ର ପ୍ରସ୍ତାବ କଂଗ୍ରେସ ସରକାର ସମୟରେ ଗୋଲାବ ନବୀ ଆଜାଦ ଘୋଷଣା କରିଥିଲେ ଏବଂ ଡକ୍ଟର ଖୁଂଟିଆ ନିଜେ ଇଓଓଗଞ୍ଜ ର ସଦସ୍ୟ ଥିଲେ। ଯାହା ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନଥିବା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଫଳତାର ଜ୍ୱଳନ୍ତ ନିଦର୍ଶନ। ଏହି ସଭାରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ସାଧାରଣ ସଂପାଦକ କିଶୋର ଜେନା, ଉପସଭାପତି ମଦନ ମୋହନ ଧଳ, ବିଦ୍ୟାଧର ମହାନ୍ତି, କୋଷାଧ୍ୟକ୍ଷ ଧରଣୀ ଧର ସ୍ୱାଇଁ, ଯୁଗ୍ମ ସଂପାଦକ ଅକ୍ଷୟ ତ୍ରିପାଠୀ, ପ୍ରଣତୀ ମିଶ୍ର, ସୁରେଶ ବେହେରା, ବାସନ୍ତୀ ସାମଲ, ବିକାଶ ଦାସ, ରଘୁନାଥ ମାଝୀ, ପରାମାନନ୍ଦ ସେଠୀ, ବିଷ୍ଣୁ ରଥ, ବିଜୟ ଦ୍ୱିବେଦୀ, ବିଜୟ ବୋଇତଇ, ଚନ୍ଦ୍ରକାନ୍ତ ଖଣ୍ଡେଇ ଓ ରମାକାନ୍ତ ଗାହାଣ ପ୍ରମୁଖ ଯୋଗଦେଇଥିଲେ।

## ବଧୂ ହତ୍ୟା ଅଭିଯୁକ୍ତଙ୍କୁ ଧରୁନି ପୁଲିସ, ଏସପିଙ୍କୁ ଭେଟିଲେ ପରିବାର ଲୋକେ

କୋରେଇ, (ପିଏନ)-ଯାଜପୁର ଥାନା ଅନ୍ତର୍ଗତ ଧନିପୁର ଗ୍ରାମର ସରସ୍ୱତୀ ପାଣି ନାମକ ମହିଳାଙ୍କୁ ତାଙ୍କ ଶାଶୁଘର ପରିବାର ପକ୍ଷରୁ ଯୌତୁକ ଦାବିରେ କିରୋସିନି ଢାଳି ନିଆଁ ଲଗାଇଦେଇଥିଲେ। ଗତ ଅଗଷ୍ଟ ୨୮ ତାରିଖ ଏଭଳି କାଣ୍ଡ ଘଟିବା ପରେ ସରସ୍ୱତୀକୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ଏନେଇ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ସରସ୍ୱତୀର ସ୍ୱାମୀ ମାର୍କଣ୍ଡପୁର ଗ୍ରାମର ନରେନ୍ଦ୍ର ପାଣିଙ୍କ ପୁଅ ରବିନ୍ଦ୍ରକୁ ଗିରଫ କରିଥିଲା। ମାତ୍ର ଅନ୍ୟ ଅଭିଯୁକ୍ତ ଶାଶୁ ପ୍ରେମଲତା, ନଣନ୍ଦ ରୀନା ଓ ନଣନ୍ଦେଇ କାଦୁଆକୁ ପୁଲିସ ଗିରଫ କରିନାହିଁ। ପରବର୍ତି ଅବସ୍ଥାରେ ଗତ ସେପ୍ଟେମ୍ବର ୪ ତାରିଖ ଚିକିତ୍ସିତ ଅବସ୍ଥାରେ ସରସ୍ୱତୀର ମୃତ୍ୟୁ ହୋଇଥିଲା। ମୃତ୍ୟୁ ପୂର୍ବରୁ ୪ଜଣ ମିଶି କିରୋସିନି ଢାଳି ନିଆଁ ଲଗାଇଥିବାର ବୟାନ ସରସ୍ୱତୀ ଦେଇଥିଲା। ହେଲେ ମୃତ୍ୟୁର ଅବଧି ୧୨ ଦିନ ବିତିଯାଇଥିଲେ ମଧ୍ୟ ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତ ମାନଙ୍କୁ ପୁଲିସ ଗିରଫ କରୁନାହିଁ। କେବଳ ମାମଲା ରୁଜୁ କରି ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଅଭିଯୁକ୍ତ ମାନେ ଖୁଲମଖୁଲା ବୁଲୁଛନ୍ତି। ମୃତ ସରସ୍ୱତୀକୁ ନ୍ୟାୟ ଦେବା ପାଇଁ ପରିବାର ପକ୍ଷରୁ ଏସପିଙ୍କୁ ଗୁହାରି କରାଯାଇଛି।

## ବାଙ୍ଗିରିପୋଷିରେ ଅଟୋକୁ ଟ୍ରକ ପଛରୁ ଧକ୍କା ଦେଲା, ୨ ମୃତ, ୧୦ ଗୁରୁତର

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ୪୯ ନମ୍ବର ଜାତୀୟ ରାଜପଥର ବାଙ୍ଗିରିପୋଷି ଦ୍ୱାରଶୁଣି ଘାଟିରେ ଆଜି ପୂର୍ବାହ୍ନରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏକ ଅଟୋକୁ ପଛ ପଟୁ ଧକ୍କା ଦେଇ ଟ୍ରକ୍ ଓଲଟିବାରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ଜଣେ ସ୍କୁଲ ଛାତ୍ର ଓ ଅନ୍ୟ ଜଣେ ଅଭିଭାବକ ଥିବା ସୂଚନା ମିଳିଛି।ସୂଚନାଯୋଗ୍ୟ, ଆଜି ସକାଳେ ମଧ୍ୟାହ୍ନ ଭୋଜନ ଚାଉଳ ଆଣିବାକୁ ବିଶୋଇ ବ୍ଲକର ଦୋପଚା ଗାଁରୁ ଶୁଳିଆପଦା ଅଭିମୁଖେ ଏକ ଅଟୋରେ ୧୨ ଜଣ ଯାତ୍ରୀ ଯାଉଥିଲେ। ସେମାନଙ୍କ ମଧ୍ୟରେ ୪ ଜଣ ମହିଳା, ୪ ଜଣ ପୁରୁଷ ଓ ୪ ଜଣ ୧୦ରୁ ୧୨ ବର୍ଷ ମଧ୍ୟରେ ପିଲା ଥିଲେ। ସେମାନେ ନିଜ ଗାଁରୁ ପ୍ରାୟ ୨୦ କିଲୋମିଟର ଆସିବା ପରେ ବାଙ୍ଗିରିପୋଷି ଘାଟିରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ।ଅଟୋଟି ବାଙ୍ଗିରିପୋଷି ଘାଟିରେ ଓହ୍ଲାଉଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ଅଟୋକୁ ପଛ ପଟୁ ପିଟି କିଛି ଦୂରକୁ ଘୋଷାରି ନେଇଥିଲା। ଏହାପରେ ଟ୍ରକଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିବା ବେଳେ ଅଟୋରେ ଥିବା ଯାତ୍ରୀଙ୍କ ମଧ୍ୟରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଥିଲା। ମୃତକଙ୍କ ମଧ୍ୟରେ ଜଣେ ପିଲା ଓ ଜଣେ ପୁରୁଷ ଅଛନ୍ତି। ଖବର ପାଇ ବାଙ୍ଗିରିପୋଷି ପୁଲିସ୍ ଓ ଅଗ୍ନିଶମ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଂଚି ତୁରନ୍ତ ଅନ୍ୟ ଆହତମାନଙ୍କୁ ବାଙ୍ଗିରିପୋଷି ମେଡିକାଲରେ ଭର୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବାରିପଦା ପିଆରଏମ ମେଡିକାଲକୁ ପଠାଇ ଦେଇଛି। ଦୁର୍ଘଟଣା ଘଟାଇ ଟ୍ରକ୍ ଡ୍ରାଇଭର ଓ ହେଲପର ଟ୍ରକ ଛାଡି ଫେରାର ହୋଇଯାଇଥିବା ଜଣାଯାଇଛି।

## କନ୍ଧମାଳ ଜିଲ୍ଲାର ଖଜୁରିପଡାରେ ମା ଗୃହ ଉଦଘାଟିତ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲା ବାଲିଗୁଡାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ବନବାସୀ ସେବା ସମିତିର ପରିଚାଳନାରେ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳ ସହାୟତାରେ ଏକ ନୂତନ ମା ଗୃହ କନ୍ଧମାଳ ଜିଲ୍ଲାର ଖଜୁରିପଡାଠାରେ ଉଦଘାଟିତ ହୋଇଯାଇଛି। ଏହି ଏଦଘାଟନୀ କାର୍ଯ୍ୟକ୍ରମ କୋଭିଡ ନିୟମ ଅନୁସାରେ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ମନସ୍ୱିନି ମିଶ୍ର ଯୋଗ ଦେଇ ଏହାର ଶୁଭ ଉଦଘାଟନ କରିଥିଲେ। ଏହି ଅବସରରେ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳର କାର୍ଯ୍ୟକ୍ରମ ପରିଚାଳକ ମନରଞ୍ଜନ ସାହୁ,ଖଜୁରିପଡାର ଡା.ନିମାଇଁ ଚରଣ ବିଶି,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମିତା କରଣ,ଖଜୁରିପଡା ସମନ୍ୱିତ ଶିଶୁ ବିକାଶ ଅଧିକାରୀଣୀ ଗୀତାରାଣୀ ପଣ୍ଡା,ବନବାସୀ ଅନୁଷ୍ଠାନର ସମ୍ପାଦକ ଉତ୍ସବଚନ୍ଦ୍ର ଜେନା,ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା,ଚାଇଲ୍ଡଲାଇନର ସମସ୍ତ କର୍ମକର୍ତା ଓ ସଦସ୍ୟ ମାନେ ,ସଖିର ସଦସ୍ୟା ଓ ମା ଗୃହର ସମସ୍ତ କର୍ମକର୍ତାଙ୍କ ସମେତ ଅଂଚଳର ଲୋକମାନେ ଉପସ୍ଥିତ ଥିଲେ। ଏଠାରେ ଏହି ବ୍ଲକରେ ଥିବା ଦୁର୍ଗମ ଅଂଚଳର ଗର୍ଭବତୀ ମା ମାନେ ସେମାନଙ୍କର ପ୍ରସବ ପୁର୍ବରୁ ସେଠାରେ ଆସି ରହିବା ସହିତ ସେମାନଙ୍କୁ ଆବଶ୍ୟକୀୟ ଚିକିତ୍ସା ମାଗଣାରେ ପ୍ରଦାନ କରାଯିବା ସହିତ ସେମାନେ କିପରି ସୁସ୍ଥ ମାନସିକତାରେ ରହି ସଠିକ୍ ଭାବରେ ପ୍ରସବ କରି ପାରିବେ ସେଥିପାଇଁ ସେମାନଙ୍କ ପାଇଁ ପୌଷ୍ଟିକ ଖାଦ୍ୟପେୟ ସହିତ ମନରଞ୍ଜନ ପାଇଁ ମଧ୍ୟ ଆବଶ୍ୟକୀୟ ବ୍ୟବସ୍ଥା କରାଯାଇ ଥିବା ନେଇ ବନବାସୀ ଆନୁଷ୍ଠାନର ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା ସୁଚନା ଦେଇଛନ୍ତି।

## ଶିକ୍ଷା ସମେତ ବିଭିନ୍ନ ବିକାଶ ଦିଗରେ ସଚେତନତାର କାର୍ଯ୍ୟକ୍ରମ

କନ୍ଧମାଳ,(ପିଏନ)-କନ୍ଧମାଳ ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ଗୁଡ୍ ସୁମରିଟାନ୍ ଓ ଅନ୍ତରଙ୍ଗ କନ୍ଧମାଳ ପକ୍ଷରୁ ପୋଷଣ ଅଭିଯାନ ଓ କରୋନା ସଚେତନତା କାର୍ଯ୍ୟକ୍ରମ ଚକାପାଦ ବ୍ଲକର ନନ୍ଦିନୀ, ପସରା, ବରପଲ୍ଲୀ ଓ ଘୁ ଉଦୟଗିରି ବ୍ଲକର କଡିକାଡୁ ଗ୍ରାମରେ କରୋନା ଭୁତାଣୁ ସଂକ୍ରମଣ ରୋଗର ସଚେତନତା ଓ ସର୍ତକତାର ବାର୍ତା ପହଂଚାଇବା ସହ ୭୦୦ ଶହରୁ ଅଧିକା ମାସ୍କ ବଂଟନ କରିବା ସହ ବ୍ୟବହାର କରିବା କୋଭିଡ ନିୟମକୁ ପାଳନ ପାଇଁ ପର୍ବତାଇବ.ଶିଶୁ ଶିକ୍ଷାକୁ ଉତ୍ସାହିତ କରିବା,ବାଲ୍ୟ ବିବାହ ବନ୍ଦ କରିବା ପାଇଁ "ବାଲ୍ୟ ବିବାହକୁ ନା କହିବା ଓ ପାଠ ପଢ଼ାକୁ ହଁ କହିବା"ନାରା ଦେଇଛନ୍ତି ଗାଁର କିଶୋର କିଶୋରୀ ମାନେ ଓ ଗାଁ ଲୋକମାନେ। ମହାମାରୀ ସମୟରେ ନିଜନିଜକୁ ସତର୍କ କରି ସୁରକ୍ଷିତ ରହିଲେ ନିଜ ପରିବାର ସୁରକ୍ଷିତ ରହିବ ଓ ନିଜ ଅଂଚଳ ସୁରକ୍ଷିତ ହେବା ସହ ଗାଁରେ କୌଣସି ବ୍ୟକ୍ତି କରୋନା ରୋଗରେ ଆକ୍ରାନ୍ତ ହେବେ ନାହିଁ ଓ ଏହି ସମୟରେ ଛୋଟ ଛୋଟ ଶିଶୁ ମାନଙ୍କୁ ଓ କିଶୋର କିଶୋରୀ ଓ ଗର୍ଭବତୀ ମହିଳାଙ୍କ ପାଇଁ ପୋଷକ ତତ୍ୱର ଅଭାବ ଦେଖାଯାଇଥିବାର ସୁଚନା ଅନୁମାନ କରାଯାଇଛି ।ଯାହ ପାଇଁ ଆମକୁ ସାବଧାନତା ଅବଲମ୍ବନ କରି ପୋଷକ ତତ୍ୱର ଖାଦ୍ୟ ପଦାର୍ଥ ଖାଇବା ଆବଶ୍ୟକତା ରହିଛି ବୋଲି ଅନ୍ତରଙ୍ଗ ଯୁବ ମାହାସଂଘର ସମ୍ପାଦକ ହୃଷିକେଶ ପ୍ରଧାନ ବୁଝେଇଥିଲେ ।ମହାମାରୀ ପାଇଁ ସ୍କୁଲ କଲେଜ ଗୁଡିକ ବନ୍ଦ ରହିଥିବା ଫଳରେ ଛାତ୍ରଛାତ୍ରୀ ମାନଙ୍କ ପାଠପଢ଼ାରେ ବ୍ୟାଘାତ ଶୃଷ୍ଟି ହେଉଛି ।ଏହାର ସମାଧାନ ଆମ ନିଜ ପାଖରେ ଅଛି ।ଯାହାକି ନିଜେ ପାଠ ପଢ଼ିବା ଅଭ୍ୟାସ ରଖିବାକୁ ପଡିବ ଓ ଆଗାମୀ ଦିନରେ ମଧ ପଢ଼ିବା ପାଇଁ ଅନ୍ୟ ଭାଇଭଉଣୀଙ୍କୁ ମଧେ ପ୍ରବର୍ତାଇବା ଉଚିତ ବୋଲି ବାଲ୍ୟ ବିବାହ ପ୍ରତିରୋଧ ମଂଚର ସମ୍ପାଦିକା ବିଷ୍ଣୁ ପ୍ରିୟା ପ୍ରଧାନ କହିଛନ୍ତ।

## ଆଶାସାଥି ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

କେନ୍ଦ୍ରାପଡା,(ପିଏନ)-ଭାରତୀୟ ମଜଦୁର ସଂଘ ସଂଲଗ୍ନ ରାଜ୍ୟ ଆଶାସାଥି ସଂଘ କେନ୍ଦ୍ରାପଡା ଜିଲ୍ଲା ଶାଖା ପକ୍ଷରୁ ୮ଦଫା ଦାବି ପୂରଣ ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି। ଭାରତୀୟ ମଜଦୁର ସଂଘର ଜିଲ୍ଲା ସଭାପତି ପ୍ରଭାତ ପାଣି, ସଂପାଦକ ପ୍ରଶାନ୍ତ କୁମାର ତ୍ରିପାଠୀ ଓ ଅରୁଣ କୁମାର ସିଂହଙ୍କ ସମେତ ଆଶାସାଥି ସଭାପତି ମଞ୍ଜୁଲତା ସାମଲ, ସଂପାଦିକା ରାଜଲକ୍ଷ୍ମୀ ସୁତାର, ମଧୁସ୍ମିତା ଓଝା, ସୁଜାତା ରାଉତ ଓ ମନୋରମା ମହାପାତ୍ର ପ୍ରମୁଖ ଜିଲ୍ଲାପାଳ ସମର୍ଥ ବର୍ମାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି।

ଦାବି ଗୁଡିକ ମଧ୍ୟରୁ ଆଶାସାଥି ମାନଙ୍କୁ ସରକାରୀ ମାନ୍ୟତା ପ୍ରଦାନ, କେନ୍ଦ୍ର ସରକାରଙ୍କ ଘୋଷଣା ଅନୁଯାୟୀ ମାସିକ ୬ ହଜାର ଟଙ୍କା ପ୍ରଦାନ, ସାଥି ମାନଙ୍କ ପାଇଁ ଡ୍ରେସ୍ କୋଡ ଲାଗୁ କରିବା, ଦକ୍ଷତା ବୃଦ୍ଧି ପାଇଁ ତାଲିମ ଦେବା, ଆଶାସାଥି ମାନଙ୍କୁ ବୀମା ଭୁକ୍ତ କରି ମୃତ୍ୟୁକାଳୀନ ସହାୟତା ପ୍ରଦାନ କରିବା, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ଯୋଜନା ଓ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଲାଗୁ କରିବା, ଆୟୁଷ୍ମାନ ଭାରତ ଚିକିତ୍ସା ବୀମାରେ ଆଶାସାଥିଙ୍କୁ ଅର୍ନ୍ତଭୁକ୍ତ କରିବା ଓ କୋଭିଡ-୧୯ ଯୋଦ୍ଧା ଭାବେ ଏମାନଙ୍କୁ ପ୍ରୋତ୍ସାହନ ରାଶି ଓ ସୁରକ୍ଷା ପ୍ରଦାନ କରିବା ଆଦି ପ୍ରମୁଖ ଦାବି ରହିଛି।

## ସ୍କର୍ପିଓ ଧକ୍କାରେ ଦୁଇ ସ୍କୁଟି ଆରୋହୀ ଆହତ

କୋରେଇ,(ପିଏନ)- ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ତୁଳସୀ ପେଟ୍ରୋଲ ପମ୍ପ ନିକଟରେ ଭୁବନେଶ୍ୱରରୁ ନିଜଗ୍ରାମ କେଉଁଝରର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ବାଇଁଶିରା ଗ୍ରାମକୁ ଏକ ସ୍କୁଟି(ଓଡ଼ି୩୩କେ୨୭୭୭)ରେ ଯାଉଥିବା ଦାମୁ ଚମ୍ପିଆଙ୍କ ଦୁଇ ପୁଅ କେଦାର ଓ କୀର୍ତନଙ୍କୁ ଏକ ଦ୍ରୁତଗାମୀ ସ୍କର୍ପିଓ ସାଇଡ଼ ମାରିଦେବାରୁ ଦୁଇ ଭାଇ ରାସ୍ତା ଡ଼ିଭାଇଡ଼ର ଉପରେ ପଡ଼ି ଆହତ ହୋଇଥିଲେ।

## ବାଲିଘାଟ ନିଲାମ ବନ୍ଦ ପାଇଁ ହାଇକୋର୍ଟରେ ମାମଲା

କୋରେଇ, (ପିଏନ)- ଯାଜପୁର ଜିଲ୍ଲା କୋରାଇ ବ୍ଲକ ମୂଳାପାଳ ପଂଚାୟତ ଅନ୍ତର୍ଗତ ରଣପାଳ ଓ ଧନତ୍ରୀ ମୌଜାର ବୈତରଣୀ ନଦୀରେ ବାଲିଘାଟ ନିଲାମ ପାଇଁ ରାଜସ୍ୱ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ରଣପାଳ ଓ ଧନତ୍ରୀ ବାଲିଘାଟ ନିଲାମ ନକରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ତହସିଲଦାରଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ପତ୍ର ମାଧ୍ୟମରେ ଜଣାଇ ଦିଆଯାଇଥିଲା। ପରେ ଦୁଇ ରଣପାଳ ଓ ଧନତ୍ରୀ ବାଲିଘାଟ ନିଲାମ ବନ୍ଦ କରିବା ନେଇ ଗ୍ରାମବାସୀ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ଏନେଇ ଡବ୍ଲୁ. ପି. (ସି) ୨୨୭୨୫ରେ ମାମଲା ରୁଜୁ କରାଯାଇଛି। ବୈତରଣୀ ନଦୀର ଏହି ବାଲିଘାଟ ନିଲାମ ଦ୍ୱାରା ନଦୀବନ୍ଧ ପ୍ରତି ବିପଦ ସହ ବନ୍ୟାପ୍ଲାବିତ ଏହି ପଂଚାୟତର କ୍ଷିରୋ, ସରସଦା ଧନତ୍ରୀ, ଗୋବିନ୍ଦପୁର, ରଣପାଳ ସମେତ ଅନେକ ଗ୍ରାମ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ସୃଷ୍ଟି ହୋଇଛି। ତେଣୁ ବିପଦ ଦୃଷ୍ଟିରୁ ଏହି ନିଲାମ ବନ୍ଦ କରିବାକୁ ଅଭିଯୋଗରେ ଦର୍ଶାଯାଇଛି। ଏହା ସହିତ ନଦୀ ପଠାରେ ଥିବା ବିଭିନ୍ନ ଦେବାଦେବୀ ମନ୍ଦିର କ୍ଷତିଗ୍ରସ୍ତ ହେବ।

ଏନେଇ ରଣପାଳ ଗ୍ରାମର କିଶୋର ଚନ୍ଦ୍ର ପାଳ, କାର୍ତିକ ଚନ୍ଦ୍ର ପଣ୍ଡା, ଅଭିମନ୍ୟୁ ପାଳ, ଉପେନ୍ଦ୍ର ବେହେରା, ପ୍ରତାପ ମଲ୍ଲିକ, ଦୁର୍ଗାପ୍ରସାଦ ପଣ୍ଡା ପ୍ରମୁଖ ଓଡିଶା ସରକାର ପଂଚାୟତରାଜ ପ୍ରିନିସପାଲ ସେକ୍ରେଟାରୀ, ରାଜସ୍ୱ ଓ ପ୍ରାକୃତିକ ବିପର୍ଯ୍ୟୟ ପ୍ରିନିସିପାଲ ସେକ୍ରେଟାରୀ, କଲେକ୍ଟର ଯାଜପୁର, ସବକଲେକ୍ଟର ଯାଜପୁର ଓ ତହସିଲଦାରଙ୍କୁ ପକ୍ଷଭୁକ୍ତ କରାଯାଇ ହାଇକୋର୍ଟରେ ମାମଲା ରୁଜୁ କରିଛନ୍ତି। ପରବର୍ତି ଶୁଣାଣୀ ପର୍ଯ୍ୟନ୍ତ ନିଲାମ ବନ୍ଦ କରିବାକୁ ହାଇକୋର୍ଟ ଜିଲ୍ଲାପାଳ ଯାଜପୁରଙ୍କୁ ଅବଗତ କରିଛନ୍ତି।

## ମୃତ ଏବଂ ଅବସରପ୍ରାପ୍ତ ଶିକ୍ଷକଙ୍କୁ ପଦୋନ୍ନତି

କଣାସ, (ପିଏନ)- ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ପକ୍ଷରୁ ହାଇସ୍କୁଲ ଶିକ୍ଷକମାନଙ୍କର ପଦୋନ୍ନତି ସମ୍ପର୍କିତ ସରକାରୀ ତାଲିକା ପ୍ରକାଶ ପାଇଛି। କିନ୍ତୁ ଏହି ତାଲିକାର ସଠିକତା ନେଇ ବୁଦ୍ଧିଜୀବି ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। କାରଣ ଏହି ତାଲିକାରେ କଣାସ ବ୍ଲକରୁ ଜଣେ ଶିକ୍ଷକଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ଅନ୍ୟ ଜଣେ ୯ ମାସ ହେଲା ଅବସର ନେଇଯାଇଥିବା ବେଳେ ସେମାନଙ୍କୁ ପଦୋଉନ୍ନତି ଦିଆଯାଇଥିବା ଜଣାପଡିଛି। ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଚିଠି ନଂ- ୧୯୦୭୦ ତାରିଖ ୧୧.୦୯.୨୦୨୦ରିଖରେ ପୁରୀ ଜିଲ୍ଲାର ୯୨ ଜଣ କନିଷ୍ଠ ବର୍ଗ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ପଦୋନ୍ନତି ମିଳିଛି। ଉପୋଉନ୍ନତି ସାଙ୍ଗକୁ ସେମାନଙ୍କୁ ସେହି ବିଦ୍ୟାଳୟ ଅଥବା ଅନ୍ୟ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି। କିନ୍ତୁ, ଏହି ତାଲିକାର କ୍ରମିକ ନଂ-୫୮ରେ ଥିବା ଜମ୍ବେଶ୍ୱର ସାମନ୍ତରାୟ ଗଡସାନପୁଟ ହାଇ ସ୍କୁଲରୁ ଗତ ଜାନୁଆରି ମାସରେ ଅବସର ନେଇଯାଇଥିବା ବେଳେ ସେହି ତାଲିକାର କ୍ରମିକ ନଂ-୬୧ରେ ଥିବା କାଦୁଆଖାଟ ଏକାଡେମୀର ରମେଶ ଚନ୍ଦ୍ର ମିଶ୍ର ଗତ ବର୍ଷ ମଇ ମାସରେ ଆରପାରିକୁ ଚାଲିଗଲେଣି। ଅବସର ନେବା ୮ମାସ ଅଥବା ମୃତର ଦେଢ ବର୍ଷପରେ ସରକାରୀ ନିର୍ଦ୍ଦେଶାନାମା ଅନୁଯାୟୀ ମୃତ ଏବଂ ଅବସରପ୍ରାପ୍ତ ଶିକ୍ଷକଦ୍ୱୟ କିପରି ଦାୟିତ୍ୱ ଗ୍ରହଣ କରିବେ ଏହାକୁ ହିଁ ବୁଦ୍ଧିଜୀବିମାନେ ଅପେକ୍ଷା କରିରହିଛନ୍ତି।

## ମହିଳା ସାଥି ନିଯୁକ୍ତି ବାତିଲ୍ ନହେଲେ ଆନ୍ଦୋଳନ କରିବେ ଗାଁ ସାଥି

କେନ୍ଦ୍ରାପଡା, (ପିଏନ)- ନିଖିଳ ଓଡିଶା ଗାଁ ସାଥି ସଂଘ କେନ୍ଦ୍ରାପଡା ଶାଖା ପକ୍ଷରୁ ମହିଳା ସାଥି ନିଯୁକ୍ତି ବାତିଲ୍ ପାଇଁ ଦାବି କରାଯାଇଛି। ନିଯୁକ୍ତି ବାତିଲ୍ କରା ନଗଲେ ଚଳିତ ମାସ ୧୮ ତାରିଖରେ ଜିଲ୍ଲାପାଳ ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ସତ୍ୟାଗ୍ରହ କରାଯିବ ବୋଲି ଜିଲ୍ଲା କମିଟି କର୍ମକର୍ତା ମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର କେନ୍ଦ୍ରାପଡା ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି। ସ୍ମାରକପତ୍ରର ଦାବି ମୁତାବକ ଏମ ନରେଗା କାର୍ଯ୍ୟ ପରିଚାଳନା ପାଇଁ ରାଜ୍ୟ ସରକାର ପ୍ରତ୍ୟେକ ରାଜସ୍ୱ ଗ୍ରାମରେ ଦୁଇ ଜଣ ଉଚ୍ଚ ଶିକ୍ଷିତ ଗାଁ ସାଥିଙ୍କୁ ନିଯୁକ୍ତି ଦେଇଥିଲେ। ଚୁକ୍ତି ମୁତାବକ ସେମାନଙ୍କୁ ଥଇଥାନ କରା ନଯାଉଣୁ ପୁନର୍ବାର ପ୍ରତ୍ୟେକ ଗ୍ରାମରେ ଦୁଇଜଣ ମହିଳାଙ୍କୁ ନିଯୁକ୍ତି ଦେବାପାଇଁ ବିଜ୍ଞାପନ ବାହାର କରାଯାଇଛି। ଏହାକୁ ତୁରନ୍ତ ପ୍ରତ୍ୟାହର କରିବା ପୂର୍ବରୁ ଥିବା ଗାଁ ସାଥି ମାନଙ୍କୁ ତାଲିମ୍ ପ୍ରଦାନ କରି ଖାଲିଥିବା ସରକାରୀ ଚାକିରୀରେ ନିଯୁକ୍ତି ଥିବା, ପ୍ରତ୍ୟେକ ଗ୍ରାମରେ ପ୍ରବାସୀ ଶ୍ରମିକ ଓ ବେକାର ଯୁବକ ଯୁବତୀଙ୍କୁ ୨୦୦ ଦିନର କାମ ଯୋଗାଇ ଦେବା ପ୍ରଭୃତି ୫ ଦଫା ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ରାଉତଙ୍କୁ ପ୍ରଦାନ କରାଯାଇଛି। ସଂଘର ଉପଦେଷ୍ଟା ଆଇନଜୀବି ରମଣୀ ରଞ୍ଜନ ରାଉତରାୟ, ସଭାପତି ପ୍ରମିଳା ସାମଲ, କ୍ଷିରୋଦ କୁମାର ଖଟୁଆ, ନିତ୍ୟ ସୁନ୍ଦର ଜେନା, ଉପେନ୍ଦ୍ର ସାହୁ, ମୁକୁନ୍ଦ ମହାପାତ୍ର, ରବିନ୍ଦ୍ର ରାଉତ ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

# ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

୨୬ ବର୍ଷରେ

Bhubaneswar Wednesday July 24 2024 ଭୁବନେଶ୍ବର ବୁଧବାର, ଜୁଲାଇ ୨୪,୨୦୨୪ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com ୮


## ଗଜପତିରେ ଶ୍ରାବଣ ମାସର ପ୍ରଥମ ସୋମବାରେ ବିଭିନ୍ନ ଶୈବପୀଠରେ କାଉଡ଼ିଆ ଓ ଭକ୍ତଙ୍କ ସମାଗମ



ପାରଳାଖେମୁଣ୍ଡି,(ପି.ଏନ): ଶ୍ରାବଣ ମାସ ପ୍ରଥମ ଗତକାଲି ସୋମବାରରେ ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସହର ସମେତ ସମଗ୍ର ଜିଲ୍ଲାର ମୋହନା, ଆର. ଉଦୟଗିରି, ନୂଆଗଡ, ରାୟଗଡ, ଗୋଷଣୀ, ଗୁମ୍ମା ଓ କାଶୀନଗର ଆଦି ଅଞ୍ଚଳରେ ଥିବା ବିଭିନ୍ନ ଶୈବପୀଠରେ କାଉଡ଼ିଆ ଓ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲା । ଭୋରରୁ କାଉଡ଼ିଆ ମାନେ ପବିତ୍ର ମହେନ୍ଦ୍ରତନୟା ନଦୀରୁ ପୂଜାର୍ଚ୍ଚନା କରି କାନ୍ଧରେ ଜଳ ଆଣି ପ୍ରଭୁ ମହାଦେବଙ୍କୁ ଅଭିଷେକ କରିଥିଲେ । କାଉଡିରେ ପାଣି ଆଣି ଶିବଙ୍କୁ ଅଭିଷେକ କଲେ ନିଜର ମନସ୍କାମନା ପୂର୍ଣ୍ଣ ହୁଏ ବୋଲି ଲୋକଙ୍କ ମନରେ ବିଶ୍ୱାସ ରହିଛି । ଭକ୍ତମାନେ ନଡ଼ିଆ କଦଳୀ, ଧୂପ ଦୀପ ବେଲପତ୍ର କ୍ଷୀର ଦହି ମହୁ ସାଙ୍ଗରେ ଆଣି ଠାକୁରଙ୍କ ଅଭିଷେକ କରି ପୂଜାର୍ଚ୍ଚନା କରିଥିଲେ । ଶ୍ରାବଣ ମାସରେ ଠାକୁରଙ୍କୁ ଅଭିଷେକ କଲେ ନିଜର ମନସ୍କାମନା ପୂର୍ଣ୍ଣ ହେବା ସହ ମନରେ ଶାନ୍ତି ଆସେ ବୋଲି ବିଶ୍ୱାସ ରହିଛି । ମନ୍ଦିର ପରିସରରେ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଛି !

## ମେରୁଦଣ୍ଡ ଆକ୍ରାନ୍ତ ରୋଗୀଙ୍କୁ ସହାୟତା ପ୍ରଦାନ



ଜେନାପୁର,(ପିଏନ୍): ଯାଜପୁର ସଦର ଥାନା ଅନ୍ତର୍ଗତ ବରୁହାଁ ପଞ୍ଚାୟତ ସାନକୁଝଲ ଗାଁ ର ଜଣେ ଜଣେ ମେରୁଦଣ୍ଡ ଆକ୍ରାନ୍ତ ରୋଗୀ ଙ୍କୁ ଆଶାର ଆଲୋକ ଫାଉଣ୍ଡେସନ ତରଫରୁ ସହାୟତା ପ୍ରଦାନ କରାଯାଇଛି । ସୂଚନା ମୁତାବକ ସାନ ଖୁଜଲ ଗାଁ ର କୃଷ୍ଣ ସିଂ ଙ୍କ ପୁଅ କାର୍ତ୍ତିକ ସିଂ ବୟସ (୨୮) ବର୍ଷ । କାର୍ତ୍ତିକ ୨୦୨୨ ମସିହାରେ ଓଡ଼ିଶା ବାହାରେ ପୁନେ ଠାରେ ଏକ କମ୍ପାନୀ ରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ । ସେଠାରେ କାମ କରୁଥିବା ସମୟରେକୌଣସି କାରଣ ରୁ ୧୦ ମହଲା ଉପରୁ ଖସି ପଡ଼ିଥିଲେ । ଏଥିରେ ତାଙ୍କ ମେରୁଦଣ୍ଡ କୁ ଗଭୀର ଆଘାତ ଲାଗିଥିଲା ।କାମ କରୁଥିବା କମ୍ପାନୀ ପକ୍ଷରୁ ତାଙ୍କୁ ବେଶୀ କିଛି ସାହାଯ୍ୟ କରାଗଲା ନାହିଁ ।ବାଧ ହୋଇ ସେ ନିଜ ଗାଁ କୁ ଫେରି ଆସିଲେ । ସେହି ଦିନ ଠାରୁ ସେ ଶଯ୍ୟାଶାୟୀ ହୋଇ ଚିକିତ୍ସିତ ହେଉଛନ୍ତି ।କାର୍ତ୍ତିକ ଙ୍କ ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର ଅଟେ । ତାଙ୍କ ବାପା ଦହି ବ୍ୟବସାୟ କରି ପରିବାରପ୍ରତିପୋଷଣ କରନ୍ତି । ଅଭାବ ଅନାଟନ ଭିତରେ ଔଷଧ କିଣିବାକୁ ମଧ୍ୟ ସକ୍ଷମ ନୁହଁନ୍ତି କାର୍ତ୍ତିକ ଙ୍କ ପରିବାର । ଏ ଦୁଃଖଦ ଖବର ପାଇ ଆଶାର ଆଲୋକ ଫାଉଣ୍ଡେସନ ର ସଦସ୍ୟ ମାନେ ତାଙ୍କ ଘରେ ପହଞ୍ଚି ୫ହଜାର ଟଙ୍କା ଆର୍ଥିକ ସହାୟତା ସହିତ ରାସନ ସାମଗ୍ରୀ ପ୍ରଦାନ କରିଛନ୍ତି ।







## ଦୁର୍ଗନ୍ଧରେ ନାକ ଫାଟି ପଡୁଛି 'ଆନନ୍ଦ ବଜାର'

ଭୁବନେଶ୍ୱର,(ପି.ଏନ): ଏକାମ୍ର କ୍ଷେତ୍ରର ଆରାଧ୍ୟ ଠାକୁର ମହାପ୍ରଭୁ ଶ୍ରୀଲିଙ୍ଗରାଜ ମନ୍ଦିର ପରିସରରେ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ପ୍ରସାଦ ସେବନ ଲାଗି ରହିଛି ଆନନ୍ଦ ବଜାର, ଆଜକୁ ୭/୮ ଦିନ ହେବ ଆନନ୍ଦ ବଜାର ପାର୍ଶ୍ୱରେ ବାଉଁଶ ଝୁଡ଼ିରେ ପଡ଼ିରହିଛି ଭକ୍ତମାନେ ପ୍ରସାଦ ସେବନ କରିଥିବା ଅଇଁଠା ପତ୍ର । ଏଗୁଡ଼ିକ ବର୍ଷାରେ ଓଦା ହୋଇଯିବା ଦ୍ୱାରନା ପଚିସଢ଼ି ଏକପ୍ରକାର ପୁ ିଗନ୍ଧମୟ ଓ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି । ଏଗୁଡ଼ିକ ଦୀର୍ଘ ଦିନ ପଡ଼ି ରହିବା ଦ୍ୱାରା ତା' ଉପରେ ଭଁଣଭଁଣ ହୋଇ ମାଛି ଉଡ଼ିବା ସହ ଛୋଟ ଛୋଟ ପୋକ ଚାଲିବା ଆରମ୍ଭ କଲେଣି । ଏହାଦ୍ୱାରା ଆଖପାଖର ପରିବେଶ ଦୁର୍ଗନ୍ଧରେ ନାକ ଫାଟି ପଡୁଛି । ଯଦ୍ୱାରା ଭକ୍ତମାନେ ଆନନ୍ଦବଜାର ତଳେ ପ୍ରସାଦ ବିକ୍ରି ସ୍ଥାନରେ ଏଠି ସେଠି ପ୍ରସାଦ ସେବନ ଲାଗି ବାଧ ହେଉଛନ୍ତି । ଐତିହ୍ୟ କୀ ିରାଜି ମନ୍ଦିରର ଏଭଳି ପରିବେଶର ଅବସ୍ଥାକୁ ନେଇ ପରିବେଶବିତ୍ ସୁଶାନ୍ତ ସାହୁ ଉଦ୍‌ବେଗ ପ୍ରକାଶ କରିବା ସହ ପ୍ରତ୍ୟେହ ଆନନ୍ଦ ବଜାରରୁ ବାହାରୁଥିବା ଅଳିଆ ଆବର୍ଜନା ଗୁଡ଼ିକୁ ପରିଷ୍କାର, ପରିଚ୍ଛନ୍ନ କରିବା ନିହାତି ଆବଶ୍ୟକ ବୋଲି କହିଛନ୍ତି । ତେବେ ଯାଇ ଆମେ ସ୍ୱଚ୍ଛତା ବଜାୟ ରଖିପାରିବା ।

## ଫୁଲବାଣୀ ଠାରେ ଭାରତୀୟ ମଜଦୂର ସଂଘର ୭୦ତମ ପ୍ରତିଷ୍ଠା ଦିବସ ପାଳିତ



ଫୁଲବାଣୀ,(ପି.ଏନ): ଦେଶର ସର୍ବବୃହତ ଶ୍ରମିକ ସଂଗଠନ ଭାରତୀୟ ମଜଦୂର ସଂଘ(ବିଏମଏସ)ର ୭୦ତମ ପ୍ରତିଷ୍ଠା ଦିବସ ଫୁଲବାଣୀ ଠାରେ ପାଳିତ ହୋଇଯାଇଛି । ଜିଲା ଶ୍ରମ ଅଧିକାରୀ ତେଜ ବାଗେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସରକାରଙ୍କ ବିଭିନ୍ନ ଶ୍ରମ ନୀତି,ଓ ସରକାରୀ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ । ୧୯୫୫ମସିହାରେ ଦନ୍ତୋପନ୍ତ ଠେଙ୍ଗଡେଜୀ ଦ୍ୱାରା ଏହା ଗଠନ କରାଯାଇଥିଲା ।ସେ ଏହାର ସ୍ରଷ୍ଟା ଓ ସଂସ୍ଥାପକ ଥିଲେ ।ସେ ଦୁଇ ଦୁଇ ଥର ସାଂସଦ ହୋଇଥିଲେ ।ଜାତୀୟ ଶ୍ରମ ଇତିହାସରେ ପ୍ରଥମ ଥର ଶ୍ରମିକମାନଙ୍କ ହିତ ପାଇଁ ଏକ ଦାବୀପତ୍ର ୧୯୬୯ରେ ତତ୍କାଳୀନ ରାଷ୍ଟ୍ରପତିଙ୍କୁ ପ୍ରଦାନ କରି ଶୋଷଣମୁକ୍ତ ଓ ସମତାଯୁକ୍ତ ସମାଜ ପାଇଁ ଦାବୀ ରଖିଥିଲେ ।ଅଣ ରାଜନୈତିକ ଶ୍ରମିକ ସଂଗଠନ ଭାବେ ବିଏମଏସ ଆନ୍ତର୍ଜାତୀୟ ସ୍ତରରେ ସର୍ବ ବୃହତ ସଂଗଠନର ମାନ୍ୟତା ପାଇଛି ।ରାଷ୍ଟ୍ର ନିର୍ମାଣରେ ଶ୍ରମିକଙ୍କ ଆସ୍ଥା ଓ ବିଶ୍ୱାସକୁ ପାଥେୟ କରି ବିଏମ ଏସ ଆଗେଇ ଚାଲିଛି ।ବିଏମ ଏସର ସ୍ଲୋଗାନ ହେଲା ରାଷ୍ଟ୍ର ହିତ, ଉଦ୍‌ଯୋଗ ହିତ ଓ ଶ୍ରମିକ ହିତ ।ରାଷ୍ଟ୍ର ହିତମେ କରେଙ୍ଗେ କାମ-କାମକେ ଲିୟେ ଲେଙ୍ଗେ ପୁରେ ଦାମ ।ଶ୍ରମିକ ନିଷ୍ଠାପର ଭାବେ ରାଷ୍ଟ୍ର ହିତରେ କାର୍ଯ୍ୟକରିବାକୁ ହେବ । ଉଦ୍‌ଯୋଗର ଉନ୍ନତି ହେଲେ ଶ୍ରମିକ ର ଉନ୍ନତି ହେବ ।ତେଣୁ ଉଦ୍‌ଯୋଗପତି ଓ ସରକାର ଉଭୟେ ଶ୍ରମିକଙ୍କ ଉନ୍ନତି ପାଇଁ କାର୍ଯ୍ୟ କରିବା ଆବଶ୍ୟକ ।କନ୍ଧମାଳ ଜିଲ୍ଲା ଭାରତୀୟ ମଜଦୂର ସଂଘ(ବିଏମଏସ)ର ସଭାପତି ଅଶୋକ ପରିଡାଙ୍କ ପରାମର୍ଶ କ୍ରମେ ଜିଲା ଆଶାକର୍ମୀ, ଅଙ୍ଗନବାଡି କର୍ମୀ,କୃଷି ଓ ନିର୍ମାଣ ଶ୍ରମିକ ମାନଙ୍କୁ ନେଇ ୭୦ତମ ପ୍ରତିଷ୍ଠା ଦିବସ ଫୁଲବାଣୀ ଠାରେ ପାଳନ କରାଯାଇଛି ।ଏହି ଅବସରରେ ଅବସରପ୍ରାପ୍ତ କମାଣ୍ଡାଣ୍ଟ ନବୀନ କିଶୋର ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଶ୍ରମିକଙ୍କ ହିତ ପାଇଁ ବକ୍ତବ୍ୟ ରଖିଥିଲେ ।ଅନ୍ୟମାନଙ୍କ ମଧ୍ୟରେ ବଂଶୀଧର ପଣ୍ଡା ଦେଶ ବିକାଶରେ ଶ୍ରମିକ ସର୍ବାଗ୍ରେ ବୋଲି କହିଥିଲେ ।ଭାରତୀୟ ମଜଦୂର ସଂଘ ସହ ଅନୁବନ୍ଧିତ ଜିଲା ଆଶାକର୍ମୀ ସଂଘ ସଭାନେତ୍ରୀ ଅମ୍ବିକା ବେହେରା, ଅଙ୍ଗନବାଡି କର୍ମୀ ସଂଘ ଉପସଭାନେତ୍ରୀ ଆରତୀ ବେହେରା ପ୍ରମୁଖ ମଞ୍ଚାସୀନ ହୋଇ ସଂଘ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ ।

## ଓସ୍ତପୁର ଗ୍ରାମରେ ଗ୍ରୀଲଭାଙ୍ଗି ଲକ୍ଷାଧିକ ଟଙ୍କାରେ ସୁନାଗହଣା ଚୋରି ଅଭିଯୋଗ

କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡା ସଦର ଥାନା ଅନ୍ତର୍ଗତ ଓସ୍ତପୁର ଗ୍ରାମର ପ୍ରିୟଦର୍ଶନ ସ୍ୱାଇଁଙ୍କ ଘରୁ ଗତକାଲି ବିଳମ୍ବିତ ରାତିରେ କେହିନଥିବାର ସୁଯୋଗ ନେଇ ଗ୍ରୀଲ ଭାଙ୍ଗି ଘର ଭିତରେ ଚୋର ପଶିବା ସହିତ ଆଲମିରା ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନାଗହଣା କେହି ଲୁଟ କରିନେଇଥିବା ସଦର ଥାନାରେ ଅଭିଯୋଗ ହୋଇଛି । ପ୍ରିୟଦର୍ଶନ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ସେ ପରିବାର ସହ କଟକ ଯାଇଥିବା ବେଳେ ଗତକାଲି ଅପରାହ୍ନ ୩ଟା ୧୭ମିନିଟ ସମୟରେ କେହି ଜଣେ ଆସି ତାଙ୍କ ଘରେ ଲାଗିଥିବା ସି.ସି. ଟିଭି କ୍ୟାମେରାର ମୁହଁକୁ ବଦଳାଇ ଦେଇଥିଲା । ରାତି ୭ଟାରେ ପ୍ରିୟଦର୍ଶନ ତାଙ୍କ ଦାଦାପୁଅ ଭାଇକୁ ଫୋନ କରି ଦେଖି ଆସିବାକୁ ପଠେଇଥିଲେ । ସେ ଯାଇ ସେଠାରେ ରାତି ସାଢେ଼୮ଟା ଯାଏ ଥିଲା ଓ ପ୍ରିୟଦର୍ଶନକୁ ଆସି କହିଲା ସବୁ ଠିକ ଅଛି । ସାଢେ ୮ଟାରୁ ୯ଟା ଭିତରେ କେହି ଦୁର୍ବୃ  କଟରରେ ଗ୍ରୀଲ କାଟି ତାଙ୍କ ଘରେ ପସି ନଗଦ ୪୦ହଜାର ଟଙ୍କା ସମେତ ୨୫ଗ୍ରାମର ୫ଟି ସୁନା କାନଫୁଲ, ୧୩ଗ୍ରାମର ଗୋଟିଏ ସୁନାଚେନ, କାନଫୁଲ ଚେନ ୬ଗ୍ରାମର ୨ଟି, ଲକେଟ ୪ଗ୍ରାମର ୨ଟା, ବାଲା ୧୨ଗ୍ରାମର ହଳେ, ନାକଫୁଲ ୨ଗ୍ରାମର ୨ଟି, ରୁପା ଥାଳିଆ ଗୋଟିଏ, ଚୁନା ରୁପା ୨୫୦ଗ୍ରାମ ଓ ଘ । ଗୋଟିଏ ଚୋରି କରି ନେଇଯାଇଛି । ତେଣୁ ଏହାର ତଦନ୍ତ କରାଯାଇ ଚୋରକୁ ଧରିବା ପାଇଁ ସେ ଥାନା ଅଧିକାରୀଙ୍କୁ ନିବେଦନ କରିଛନ୍ତି । ଆଜି ସଦର ଥାନା ପୋଲିସ ଡଗ୍ ସ୍କ୍ୱାର୍ଡ ଓ ସାଇ ିଫିକ ଟିମ ସହିତ ଘଟଣାସ୍ଥଳରେ ପହ ି ତଦନ୍ତ ଆରମ୍ଭ କରଥିବା ଥାନାଧିକାରୀଙ୍କ ଠାରୁ ସୂଚନା ମିଳିଛି ।

## ଆଇରନ୍ ଟ୍ରକ୍ ଓଭରଟେକିଙ୍ଗ କରି ଚଢି ଗଲା -ଚାଲିଗଲା ହୋମ୍‌ଗାର୍ଡଙ୍କ ଜୀବନ



ପାରାଦୀପ,(ପି.ଏନ): ପାରାଦୀପ ଉପକଣ୍ଠ ଦୋଛକି ନିକଟରେ ଶୁକ୍ରବାର ବିଳମ୍ବିତ ରାତିରେ ପାରାଦୀପ ଲକ୍ ଥାନାରେ କାର୍ଯ୍ୟରତ ହୋମଗାର୍ଡ ରାଜେନ୍ଦ୍ର ପ୍ରଧାନଙ୍କ ଉପରେ ଆଇରନ୍ ବୋଝେଇ ଟ୍ରକ୍ ଚଢି ଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି । ଘଟଣାରୁ ପ୍ରକାଶଯେ, ଶୁକ୍ରବାର ରାତିରେ ପାରାଦୀପ ଲକ୍ ଥାନାରେ କାର୍ଯ୍ୟରତ ନିକଟସ୍ଥ ବାଲିଡିଆ ଗ୍ରାମର ରାଜେନ୍ଦ୍ର ପ୍ରଧାନ ଏବଂ ତାଙ୍କ ସହିତ ତିନି ଜଣ ହୋମଗାର୍ଡ ଦୋଛକି ନିକଟରେ ଡ୍ୟୁଟି କରୁଥିଲେ । ଆଇରନ୍ ବୋଝେଇ ଟ୍ରକ୍ ଗୁଡିକ ଧାଡି ଭାଙ୍ଗି ଦୃତଗତିରେ ରାସ୍ତାର ଡାହାଣ ପଟେ ଯିବା ଆସିବା କରୁଥିବାରୁ ସେମାନଙ୍କୁ ରୋକିବା ପାଇଁ ଏମାନଙ୍କୁ ସେଠାରେ ଡ୍ୟୁଟି ଦିଆ ଯାଇଥିଲା । ଶୁକ୍ରବାର ବିଳମ୍ବିତ ରାତିରେ ଧାଡି ଭାଙ୍ଗି ଯାଉଥିବା ଏକ ଆଇରନ୍ ଟ୍ରକ୍‌କୁ ରାଜେନ୍ଦ୍ର ଓ ତାଙ୍କ ସହକର୍ମୀ ଅଟକାଇବା ବେଳେ ଆଇରନ୍ ଟ୍ରକ୍‌ଟ ରାଜେନ୍ଦ୍ରରଙ୍କ ଉପରେ ଚଢ ଯାଇଥିଲା । ଦୂର୍ଘଟନା ଘଟାଇବା ପରେ ଟ୍ରକ୍ ଚାଳକ ଟ୍ରକ୍ ନେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା । ଖବର ପାଇ ରାଜେନ୍ଦ୍ରଙ୍କ ପରିବାର ଓ ବାଲିଡିଆ ଗ୍ରାମବାସୀମାନେ ଘଟଣାସ୍ଥଳରେ ପହଂଚି ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ । ଦୂର୍ଘଟଣା ଘଟିଥିବା ସ୍ଥାନରୁ ମାତ୍ର ଦୁଇ-ତିନି କିଲୋମିଟର ମୃତ ରାଜେନ୍ଦ୍ରଙ୍କ ଘର ହୋଇଥିବା ବେଳେ ପୋଲିସ୍ ପରିବାରକୁ ସୂଚନା ନଦେଇ ତରବରିଆ ଭାବେ ଅଠରବାଙ୍କି ମେଡିକାଲକୁ ନେଇ ଯାଇଥିବାରୁ ପରିବାର ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ । ଫଳରେ ପ୍ରାୟ ୭ ଘ  । ଧରି କଟକ-ପାରାଦୀପ ଓ ଚଣ୍ଡିଖୋଲ-ପାରାଦୀପ ରାସ୍ତା ବନ୍ଦ ରହିଥିଲା । ଯାହା ଫଳରେ ହଜାର ହଜାର ଗାଡି ମଟର ରାସ୍ତାର ଉଭୟ ପାର୍ଶ୍ୱରେ ଅଟକି ରହିଥିଲେ । ଖବର ପାଇ ପାରାଦୀପ ବିଧାୟକ ତଥା ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ ପହଂଚି ଆଲୋଚନା କରିବା ପରେ ଗ୍ରାମବାସୀ ଓ ମୃତ ରାଜେନ୍ଦ୍ରଙ୍କ ପରିବାର ରାସ୍ତାରୁ ଉଠିଥିଲେ । ପ୍ରଶାସନ ପକ୍ଷରୁ ଦଶ ହଜାର ଟଙ୍କା ଓ ରୋଡକ୍ରସ୍ ପାଣ୍ଠିରୁ ତିରିଶ ହଜାର ଟଙ୍କା ମୃତ ରାଜେନ୍ଦ୍ରଙ୍କ ପରିବାରକୁ ଦିଆଯିବା ସହ ଡ୍ୟୁଟିରେ ଥିବା ସମୟରେ ତାଙ୍କର ମୃତ୍ୟୁ ହୋଇଥିବାରୁ ସମସ୍ତ ସରକାରୀ ସହାୟତା ପ୍ରଦାନ କରାଯିବା ନେଇ ଘୋଷଣା କରାଯାଇଥିଲା । ଦୂର୍ଘଟଣା ଘଟାଇଥିବା ଟ୍ରକ୍‌ର ଇନସ୍ୟୁରାନ୍ସ ବାବଦକୁ ଟଙ୍କା ସହିତ ସ୍ୱତନ୍ତ୍ର ସହାୟତା ପାଇଁ ହୋମଗାର୍ଡ ମହା ନିର୍ଦ୍ଦେଶକଙ୍କୁ ଚୋଠୋ କରିବ ପୋଲିସ୍ । ଏହି ସମସ୍ତ ଘଟଣା ନିରପେକ୍ଷ ତଦନ୍ତ ପାଇଁ ଶିଳ୍ପମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି । ତାଙ୍କ ପରିବାରରୁ ଜଣକୁ ନିଯୁକ୍ତି ଦେବା ପାଇଁ ପ୍ରୟାସ କରିବେ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି । ଦୂର୍ଘଟଣା ଘଟାଇବା ଟ୍ରକ୍ ଓ ଡ୍ରାଇଭରକୁ ଅଟକ ରଖି ଲକ୍ ଥାନା ପୋଲିସ୍ ତଦ' ଆରମ୍ଭ କରିଥିବା ସୂଚନା ମିଳିଛି ।


Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751<0 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ

EDITOR : Dr. Pabitra Mohan Samantaray